

# ପରିବର୍ତ୍ତନ

ଆଶିଷ୍ ରାଇଚୁର୍

**କେବଳ ମାଗଣା ବଣ୍ଟନ ନିମନ୍ତେ**
ଅଲ୍ ପିପୁଲ୍ସ ଚର୍ଚ୍ଚ ଏଣ୍ଡ ୱାର୍ଲ୍ଡ ଆଉଟରିଚ୍, ବାଙ୍ଗାଲୋର, ଭାରତ ଦ୍ୱାରା ମୁଦ୍ରଣ ଓ ବଣ୍ଟନ
ବର୍ତ୍ତମାନ ସଂଶୋଧନ: 2025

**ଯୋଗାଯୋଗ ସୂଚନା**
All Peoples Church & World Outreach,
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: **bookrequest@apcwo.org**
Website: **apcwo.org**

ଅନ୍ୟଥା ସୂଚୀତ ନ ହେବା ପର୍ଯ୍ୟନ୍ତ, ସମସ୍ତ ଶାସ୍ତ୍ରର ଉଦ୍ଧୃତିଗୁଡ଼ିକ ପବିତ୍ର ବାଇବଲ, ବି. ଏସ. ଆଇ-ଓଡ଼ିଆ-ଓଭି ବାଇବଲ ସୋସାଇଟି ଅଫ୍ ଇଣ୍ଡିଆ (BSI) ଦ୍ୱାରା ପ୍ରକାଶିତ । ଅନୁମତି ଦ୍ୱାରା ବ୍ୟବହୃତ । ସମସ୍ତ ଅଧିକାର ସଂରକ୍ଷିତ ।

**ଆର୍ଥିକ ସହଭାଗିତା**
ଅଲ୍ ପିପୁଲ୍ସ ଚର୍ଚ୍ଚର ସଦସ୍ୟଗଣ, ସହକର୍ମୀଗଣ ଓ ବନ୍ଧୁମାନଙ୍କ ଆର୍ଥିକ ସାହାଯ୍ୟ ସକାଶେ ଏହି ପ୍ରକାଶନର ସମସ୍ତ ବହି ମାଗଣା ବଣ୍ଟନ କରିବା ପାଇଁ ସମ୍ଭବ ହୋଇଅଛି । ଯଦି ଆପଣ ଏହି ମାଗଣା ପ୍ରକାଶନ ମାଧ୍ୟମରେ ସମୃଦ୍ଧ ହୋଇଅଛନ୍ତି, ତେବେ ଆମର ଅଲ୍ ପିପୁଲ୍ସ ଚର୍ଚ୍ଚର ସମସ୍ତ ମାଗଣା ପ୍ରକାଶନର ମୁଦ୍ରଣ ଓ ବିତରଣରେ ଆର୍ଥିକ ସହାୟତା କରିବା ନିମନ୍ତେ ଆମେ ଆପଣଙ୍କୁ ନିମନ୍ତ୍ରଣ କରୁଛୁ। କିପରି ଆପଣ ସାହାଯ୍ୟ ଦାନ କରିପାରିବେ ଏଥିପାଇଁ ଆମର ୱେବସାଇଟ ଦେଖନ୍ତୁ **apcwo.org/give** କିମ୍ବା ଏହି ପୁସ୍ତକର ପଛ ପାର୍ଶ୍ୱରେ ଲେଖା ଥିବା "ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର" ପୃଷ୍ଠାଟି ଦେଖନ୍ତୁ ।

**ମାଗଣା ଉତ୍ସର୍ଗୀକୃତ ପୁସ୍ତକଗୁଡ଼ିକ ଏବଂ ୱେବସାଇଟ ସମ୍ବନ୍ଧୀୟ ବିଷୟ**
**ଉପଦେଶଗୁଡ଼ିକ:** apcwo.org/sermons | **ପୁସ୍ତକଗୁଡ଼ିକ:** apcwo.org/books
**ଚର୍ଚ୍ଚର ଆପ:** apcwo.org/app | **ବାଇବଲ ମହାବିଦ୍ୟାଳୟ:** apcbiblecollege.org
**ଇ-ଶିକ୍ଷା:** apcbiblecollege.org/elearn | **ପରାମର୍ଶ:** chrysalislife.org
**ସଙ୍ଗୀତ:** apcmusic.org | **ସେବକମାନଙ୍କ ସହଭାଗୀତା:** pamfi.org
**ଏପିସି ବିଶ୍ୱସ୍ତରୀୟ ଲକ୍ଷ୍ୟ:** apcworldmissions.org

(Odia–Change)

# ପରିବର୍ତ୍ତନ

# ସୂଚୀପତ୍ର


1. ପରିବର୍ତ୍ତନ–ଏକ ଅତ୍ୟାବଶ୍ୟକ ପ୍ରକ୍ରିୟା 1

2. ଆମର ଅଭିପ୍ରାୟ ଓ ଅଭିଳାଷରେ ପରିବର୍ତ୍ତନ 4

3. ଆମର ଚିନ୍ତାରେ, ମନୋଭାବରେ, କଥାବାର୍ତ୍ତାରେ, ଏବଂ ଆଚରଣରେ ପରିବର୍ତ୍ତନ 7

4. ଅପ୍ରତ୍ୟାଶିତ ପରିବର୍ତ୍ତନ ପାଇଁ ଖୋଲା ରୁହନ୍ତୁ 10

5. ପରିବର୍ତ୍ତନ–ପ୍ରଗତି ଏବଂ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ 13

6. ପରିବର୍ତ୍ତନର ଆତ୍ମା 14

# 1
# ପରିବର୍ତ୍ତନ—ଏକ ଅତ୍ୟାବଶ୍ୟକ ପ୍ରକ୍ରିୟା

ପରିବର୍ତ୍ତନ! ଆମ ଚତୁଃପାର୍ଶ୍ୱରେ ସବୁ ବିଷୟ କ୍ରମାଗତଭାବେ ପରିବର୍ତ୍ତିତ ହେଉଅଛି। ପୃଥିବୀର ସର୍ବତ୍ର ସାମାଜିକ, ରାଜନୈତିକ, ଅର୍ଥନୈତିକ ଏବଂ ଆହୁରି ଅନେକ ବିଷୟର ପରିବର୍ତ୍ତନ ହେବାର ଆମେ ଦେଖୁଛୁ। ବିଭିନ୍ନ ବିଷୟ ସବୁବେଳେ ନିଜସ୍ୱ ବର୍ତ୍ତମାନ ସ୍ଥିତିରେ ରହି ନ ଥାଏ। ଗୋଟିଏ ଲୋକକଥା ଅଛି, "ପୃଥିବୀରେ, ଆଜି ଗୋଟିଏ ବିଷୟ ସ୍ଥିର ଅଟେ ଏବଂ ତାହା ହେଉଛି ପରିବର୍ତ୍ତନ!" ଏହି "ପରିବର୍ତ୍ତନ" ଶବ୍ଦଟି ଏକ ଘଟଣାକୁ ସୂଚାଏ ଅଥବା ଏକ ବସ୍ତୁର ବର୍ତ୍ତମାନ ସ୍ଥିତିକୁ ଭିନ୍ନ ରୂପ ଦେବାର ପ୍ରକ୍ରିୟାକୁ ବୁଝାଏ।

ପରିବର୍ତ୍ତନ ଖ୍ରୀଷ୍ଟିୟାନମାନଙ୍କ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ! ଆମ ଖ୍ରୀଷ୍ଟିୟ ଜୀବନ ଅନୁତାପ ସହିତ ଆରମ୍ଭ ହୁଏ, ଯାହା ବସ୍ତୁତଃ ପାପ ଓ ଶୟତାନଠାରୁ ବିମୁଖ ହୋଇ ଜୀବିତ ଈଶ୍ୱରଙ୍କ ପ୍ରତି ଫେରିବା ନିମନ୍ତେ ହୃଦୟ ଏବଂ ମନର ଏକ ପରିବର୍ତ୍ତନ ଅଟେ। ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଈଶ୍ୱର ଆମର ଅନ୍ତରକୁ ପରିବର୍ତ୍ତନ କଲେ। ଆମେ ପୁନର୍ଜାତ ହେଲୁ। ଆମେ ଖ୍ରୀଷ୍ଟଙ୍କଠାରେ ଏକ ନୂତନ ସୃଷ୍ଟି ହେଲୁ। ଗୋଟିଏ ମୁହୂର୍ତ୍ତରେ, ଈଶ୍ୱର ଆମ ଆତ୍ମାରେ ଏକ ସୃଜନକାରୀ କାର୍ଯ୍ୟ କଲେ ଯାହା ଆମକୁ ଅନ୍ଧକାରରୁ ବାହାର କରି ଆଲୋକ ମଧ୍ୟକୁ ଆଣିଲା, ଶୟତାନର ବନ୍ଧନରୁ ମୁକୁଳାଇ ଖ୍ରୀଷ୍ଟଙ୍କଠାରେ ମୁକ୍ତ କଲା। ଖ୍ରୀଷ୍ଟିୟ ଜୀବନ ଅବିରତ ପରିବର୍ତ୍ତନର ଏକ ପ୍ରକ୍ରିୟା ଅଟେ। ଈଶ୍ୱର ଆମକୁ ପୂର୍ବରୁ ନିରୂପଣ କରିଥିଲେ, *"ତାହାଙ୍କ ପୁତ୍ରଙ୍କ ପ୍ରତିମୂର୍ତ୍ତିର ଅନୁରୂପୀ ହେବା ନିମନ୍ତେ"* (ରୋମୀୟ 8:29)। ଏକ କ୍ରମାଗତ ପରିବର୍ତ୍ତନର ପ୍ରକ୍ରିୟା ମାଧ୍ୟମରେ ଆମର ଜୀବନ ପରିବର୍ତ୍ତିତ ହୋଇ ପୂର୍ଣ୍ଣରୂପେ ଖ୍ରୀଷ୍ଟଙ୍କ ସାଦୃଶ୍ୟ ଧାରଣ କରୁଅଛି। ଆମ୍ଭେମାନେ ସେହି ମହାପରିବର୍ତ୍ତନ ଦିନର ଅପେକ୍ଷା କରୁଛୁ—ଯେତେବେଳେ ସ୍ୱୟଂ ପ୍ରଭୁ ତୁରୀଧ୍ୱନୀରେ ସ୍ୱର୍ଗରୁ ଅବତରଣ କରିବେ ଏବଂ *"ଚକ୍ଷୁର ପଲକରେ...ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା"* (1 କରିନ୍ଥୀୟ 15:51,52)। ମର ଶରୀର ଅମରତାକୁ ପରିଧାନ କରିବ।

*“ଆମେମାନେ ତାହାଙ୍କ ସଦୃଶ୍ୟ ହେବା, କାରଣ ସେ ଯେପରି ଆମେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା”* (1 ଯୋହନ 3:2).

ଏକ ମୁହୁର୍ତ୍ତରେ ସଂଘଟିତ ହୋଇଥିବା ପରିବର୍ତ୍ତନ ଦ୍ୱାରା ଖ୍ରୀଷ୍ଟଙ୍କଠାରେ ଆମ ଜୀବନ ଆରମ୍ଭ ହେଲା, ଏବଂ ଏହା ଆଉ ଏକ ତତ୍କ୍ଷଣିକ ପରିବର୍ତ୍ତନର ଘଟଣା ଦ୍ୱାରା ପରିସମାପ୍ତି ହେବ। କିନ୍ତୁ, ଏହି ଦୁଇ ଘଟଣା ମଧ୍ୟରେ ଏକ ଅନବରତ ପରିବର୍ତ୍ତନର ପ୍ରକ୍ରିୟା ଚାଲିଥିବ। ଏହି ପୁସ୍ତକଟି ଏହି ବିଷୟ ଉପରେ ପର୍ଯ୍ୟବେସିତ ଏବଂ ମୁଖ୍ୟତଃ ପ୍ରବର୍ତ୍ତନାମୂଳକ ଓ ସେହି କ୍ରମାଗତ ପରବର୍ତ୍ତନର ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶୀ ହେବା ନିମନ୍ତେ ଆମ ସମସ୍ତଙ୍କୁ ଉଦ୍ଦୀପିତ କରିବା ପାଇଁ ଉଦ୍ଦିଷ୍ଟ। ଏତଦ୍‌ବ୍ୟତୀତ, ଆମ ଜୀବନର ଯେଉଁ କ୍ଷେତ୍ରଗୁଡ଼ିକ ଏହି ପରିବର୍ତ୍ତନର ପ୍ରକ୍ରିୟାରେ ଅଂଶୀ ହେବା ଆବଶ୍ୟକ ସେହି ବିଷୟଗୁଡ଼ିକ ମଧ୍ୟ ଆମେ ଆଲୋଚନା କରିବା।

**2 କରିନ୍ଥୀୟ 3:18**
**କିନ୍ତୁ ଆମ୍ଭେମାନେ ସମସ୍ତେ ଅନାଚ୍ଛାଦିତ ମୁଖରେ ଦର୍ପଣରେ ଦେଖିବା ପରି ପ୍ରଭୁଙ୍କ ଗୌରବ ଦେଖୁ ଦେଖୁ ଗୌରବଯୁକ୍ତ ଅବସ୍ଥାରୁ ଅଧିକ ଗୌରବଯୁକ୍ତ ଅବସ୍ଥା ପ୍ରାପ୍ତ ହୋଇ ତାହାଙ୍କ ସେହି ମୂର୍ତ୍ତିରେ ପରିବର୍ତ୍ତିତ** (ପରିବର୍ତ୍ତନ) **ହେଉଅଛୁ; ଯେଣୁ ପ୍ରଭୁ ଯେ କି ଆତ୍ମା, ତାହାଙ୍କଠାରୁ ଏହିସବୁ ହେଉଅଛି।**

ଯଦି ପ୍ରଭୁଙ୍କ ଉପରେ ଆମର ଦୃଷ୍ଟି ନିବଦ୍ଧ ରହିଛି, ତେବେ ଏହାର ଫଳସ୍ୱରୂପେ ଆମେ ତାହାଙ୍କ ପ୍ରତିମୂର୍ତ୍ତିରେ ପରିବର୍ତ୍ତିତ ହେବା। ବାସ୍ତବରେ, ଆମେ ଯେତିକି ତାହାଙ୍କ ନିକଟତର ହେଉଥିବା ଏବଂ ଯେତେ ଅଧିକ ତାହାଙ୍କ ଗୌରବକୁ ଅବଲୋକନ କରୁଥିବା, ସେତେ ଅଧିକ ଆମ ଜୀବନର କ୍ଷେତ୍ରଗୁଡ଼ିକ ଆମେ ଚିହ୍ନଟ କରିପାରିବା ଯହିଁରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ଉପରୋକ୍ତ ଶାସ୍ତ୍ରାଂଶ କୁହେ ଯେ ଆମ୍ଭେମାନେ *“ପରିବର୍ତ୍ତିତ ହେଉଅଛୁ”* (ଏହି ବାକ୍ୟାଂଶର ବର୍ତ୍ତମାନ ଧାରାବାହିକ କାଳକୁ ଲକ୍ଷ୍ୟ କରନ୍ତୁ ଯାହା ଘଟଣାର ପ୍ରଗତିକୁ ଦର୍ଶାଏ)। ଯେବେ ଆମେ ପରିବର୍ତ୍ତିତ ହୋଇ ଚାଲିଥିବା, ତେବେ ଆମେ ଗୌରବରୁ ଗୌରବକୁ ଅଗ୍ରସର ହେଉଥିବା। ଅତଏବ, ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରକୁ ଯିବା ପାଇଁ ପରିବର୍ତ୍ତନ ଏକ ଜରୁରୀ ପ୍ରକ୍ରିୟା ଅଟେ। ଏହା ହିଁ ଆତ୍ମିକ ଅଭିବୃଦ୍ଧି ବା ଆତ୍ମିକ ବିକାଶ ଆଣିଥାଏ। ପରିବର୍ତ୍ତନ ବିନା ଆତ୍ମିକ ଅଭିବୃଦ୍ଧି ହୋଇପାରେନା କାରଣ ବୃଦ୍ଧି ହିଁ ପରିବର୍ତ୍ତନର ଏକ ପ୍ରକ୍ରିୟା ଅଟେ। ଆମେ ବିଶ୍ୱାସ କରୁ ଯେ, ତାହାଙ୍କ ସନ୍ତାନମାନେ ଦୀର୍ଘ ସମୟ ଗୋଟିଏ ଆତ୍ମିକ ସ୍ତରରେ ରୁହନ୍ତୁ ବୋଲି ଈଶ୍ୱର ଚାହାନ୍ତି ନାହିଁ। ଅଧିକନ୍ତୁ, ସେ ଚାହାନ୍ତି ଯେ

ଆମେ ଆଗକୁ ବଢ଼ି ଚାଲିଥିବା। ଈଶ୍ୱର ଚାହାନ୍ତି ନାହିଁ ଯେ ଆମେ ଗତିଶୂନ୍ୟ ହୋଇ ପଡ଼ି ରହିଥିବା।

ପରିବର୍ତ୍ତନ କେବଳ ଯେ ଆମର ଆତ୍ମିକ ଜୀବନ ନିମନ୍ତେ ଆବଶ୍ୟକ ତାହା ନୁହେଁ, ଏହା ଆମର ଦୈନନ୍ଦିନ ଜୀବନର ପ୍ରତିଟି କ୍ଷେତ୍ରରେ ଦୃଷ୍ଟିଗୋଚର ହେବା ଆବଶ୍ୟକ। ଆମର ବ୍ୟକ୍ତିତ୍ୱରେ, ବ୍ୟବହାରରେ, ବୋଧଶକ୍ତିରେ, କର୍ମ ନିପୁଣତାରେ, ଦକ୍ଷତାରେ, ଆର୍ଥିକ ସ୍ଥିତିରେ, ଯୋଜନାସବୁରେ, ଲକ୍ଷ୍ୟସବୁରେ ଇତ୍ୟାଦି ବିଷୟରେ ଆମେ ପରିବର୍ତ୍ତନକୁ ସ୍ୱାଗତ କରିବା ଉଚିତ। ଆମ ଜୀବନର ପ୍ରତ୍ୟେକ କ୍ଷେତ୍ରରେ *"ଗୌରବରୁ ଅଧିକ ଗୌରବକୁ"* ଯିବା ପାଇଁ ଏକ ନିର୍ଦ୍ଦିଷ୍ଟତା ବୁଦ୍ଧି ଓ ଜ୍ଞାନଯୁକ୍ତ ପ୍ରଚେଷ୍ଟା ରହିବା ଆବଶ୍ୟକ। ସବୁ ସତ୍ତ୍ୱେ, ଏହି ପୃଥିବୀରେ ଆମ ଜୀବନର ସମସ୍ତ ବିଷୟରେ ଈଶ୍ୱର ଆଗ୍ରହୀ ଅଟନ୍ତି—ଶିକ୍ଷା, ବୃତ୍ତି, ପରିବାର, ଜୀବିକା, ସେବାକାର୍ଯ୍ୟ, ଇତ୍ୟାଦି। ଏହି ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟ କରିବାକୁ ସବୁବେଳେ ଉନ୍ନତ ଓ ଉଚ୍ଚତର ବିଷୟଗୁଡ଼ିକ ଥାଏ।

ଉଦାହରଣ ସ୍ୱରୂପ, ଆପଣ ଯଦି ଜଣେ ସଫଳ ଡାକ୍ତର, ଆପଣ ଆହୁରି ଉନ୍ନତ ମାନର ଡାକ୍ତର ହେବାପାଇଁ ପ୍ରଚେଷ୍ଟା କରିବା ଦରକାର। ଯେଉଁମାନେ ଔଷଧ ପାଇପାରୁନାହାନ୍ତି ସେମାନଙ୍କ ପାଖରେ ଔଷଧ ପହଞ୍ଚାଇବା କିମ୍ବା ଯେଉଁମାନେ ଚିକିତ୍ସାର ସୁବିଧା ପାଉନାହାନ୍ତି ସେମାନଙ୍କୁ ଚିକିତ୍ସାର ସୁବିଧା ଯୋଗାଇବା ନିମନ୍ତେ ନୂତନ ଉପାୟ ବିଷୟରେ ଚିନ୍ତା କରିପାରନ୍ତି। ଆପଣ ଏପରି କିଛି କରିବାପାଇଁ ଚିନ୍ତା କରିପାରନ୍ତି, ଯାହା ଆପଣଙ୍କ ପୂର୍ବ ଯୋଜନାରେ ନ ଥିଲା। ଜଣେ ଛାତ୍ର ଭାବରେ ତୁମେ ତୁମର ଜ୍ଞାନ ଓ ସଫଳତାରେ ଉନ୍ନତି ଆଣିବାରେ ପ୍ରୟାସ କରିପାରିବ। ଜଣେ ଗୃହିଣୀ ଭାବରେ, ଆପଣ ପରିବାରର ସଦସ୍ୟଙ୍କ ସେବାଯତ୍ନ ଓ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରଦାନ କରିବାର ମାନଦଣ୍ଡକୁ ଉନ୍ନତ କରିପାରିବେ। ପ୍ରଭୁଙ୍କ ସେବକ ଭାବରେ ବାକ୍ୟ ପ୍ରଚାର କରିବା ବା ଉପଦେଶ ଲେଖିବା ଏବଂ ବାଇବଲକୁ ବ୍ୟାଖ୍ୟା କରିବାର ଜ୍ଞାନକୌଶଳରେ ଉନ୍ନତି ଆଣିବା ଉଚିତ। କିନ୍ତୁ ଏହିସବୁ ସମ୍ଭବ ହେବ ଯେବେ ଆମେ "ପରିବର୍ତ୍ତନ" ହେବାପାଇଁ ଇଚ୍ଛୁକ ହେବା। ପରବର୍ତ୍ତୀ ଅଧ୍ୟାୟଗୁଡ଼ିକରେ କେତେକ ପରିବର୍ତ୍ତନର କ୍ଷେତ୍ର ଉପରେ ଆମେ ବିଚାର କରିବା ।

# 2
# ଆମର ଅଭିପ୍ରାୟ ଓ ଅଭିଳାଷରେ ପରିବର୍ତ୍ତନ

**ଗୀତସଂହିତା 51:10**
**ହେ ପରମେଶ୍ୱର, ମୋ' ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର ଓ ମୋ' ମଧ୍ୟରେ ସୁସ୍ଥିର** (ଡାହାଣ) **ଆତ୍ମା ନୂତନ କର ।**

ଆମର ଆନ୍ତରିକ ଅଭିପ୍ରାୟ ଓ ଆକାଂକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ଆମେ ବୁଝିବା ଆବଶ୍ୟକ ଯେ ଜଣେ ଅତି ଆତ୍ମିକ ଏବଂ ସୁ ଉଦ୍ଦେଶ୍ୟପୂର୍ଣ୍ଣ ଖ୍ରୀଷ୍ଟିଆନ ମଧ୍ୟ କୌଣସି ଏକ ବିଷୟରେ ମନ୍ଦ ଅଭିପ୍ରାୟ ବା ଅଭିଳାଷ ରଖିପାରେ। ଆମ ମଧ୍ୟରୁ କେହି ବି ଆପେ ଆପେ ଏହିପ୍ରକାର ମନ୍ଦତାରୁ ପୃଥକୀକୃତ ନୋହୁଁ। ବରଂ, ଆମେ ଅନବରତ ଏହିସବୁ ମନ୍ଦତା ପ୍ରତିକୂଳରେ ସଜାଗ ରହିବାକୁ ହେବ। ପ୍ରଭୁ ଆମକୁ ସତର୍କ କରାନ୍ତି, *"ତୁମ ହୃଦୟକୁ ଅତି ଯତ୍ନରେ ରଖ; ଯେହେତୁ ତହିଁରୁ ଜୀବନର ପ୍ରବାହ ଜନ୍ମଇ"* (ହିତୋପଦେଶ 4:23)। ଆମ ହୃଦୟକୁ ମନ୍ଦ ଅଭିପ୍ରାୟର ବନ୍ଦୀତ୍ୱାବସ୍ଥାରୁ ସୁରକ୍ଷା କରିବା ଦାୟିତ୍ୱ ଆମ ଉପରେ ରହିଅଛି। ଯଦି ଆମେ ଆମର ହୃଦୟକୁ ଅନୁସନ୍ଧାନ କରୁ ଏବଂ ସେଠାରେ ରହିଥିବା ସେହିପରି ମନ୍ଦ ଅଭିପ୍ରାୟ ଓ ଅଭିଳାଷଗୁଡ଼ିକୁ ଖୋଜି ବାହାର କରୁ, ତାହା ଭୁଲ ନୁହେଁ। ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ପରିବର୍ତ୍ତନ ଆଡ଼କୁ ପ୍ରଥମ ପଦକ୍ଷେପ ଅଟେ। ନିଜକୁ ସମୀକ୍ଷା କରିବାପାଇଁ ବାକ୍ୟ ଆମକୁ ବାରମ୍ବାର କହେ।

**1 କରିନ୍ଥୀୟ 11:28**
**କିନ୍ତୁ ମନୁଷ୍ୟ ଆପଣାକୁ ପରୀକ୍ଷା କରୁ, ଆଉ ସେହିପରି ଭାବେ ଏହି ରୋଟୀ ଭୋଜନ କରୁ ଓ ଏହି ପାତ୍ରରୁ ପାନ କରୁ ।**

**1 କରିନ୍ଥୀୟ 11:31**
**କିନ୍ତୁ ଯଦି ଆମ୍ଭେମାନେ ଆପଣା ଆପଣାର ବିଚାର କରନ୍ତୁ, ତେବେ ବିଚାରିତ ହେଉ ନ ଥାଆନ୍ତୁ ।**

**2 କରିନ୍ଥୀୟ 13:5**
**ତୁମ୍ଭେମାନେ ବିଶ୍ୱାସରେ ଅଛ କି ନାହିଁ, ସେ ବିଷୟରେ ଆପଣା ଆପଣାକୁ ପରୀକ୍ଷା କର, ଆପଣା ଆପଣାର ବିଚାର କର କିମ୍ବା ଯୀଶୁ ଖ୍ରୀଷ୍ଟ ଯେ ତୁମ୍ଭଠାରେ ଅଛନ୍ତି, ଏହା କି ତୁମ୍ଭେମାନେ ନିଜ ନିଜ**

**ବିଷୟରେ ଜାଣ ନାହିଁ? ଯଦି ଏହା ନ ହୁଏ, ତାହାହେଲେ ତୁମ୍ଭେ ପରୀକ୍ଷାସିଦ୍ଧ ନୁହଁ ।**

## ସେବାକାର୍ଯ୍ୟରେ ଅଭିପ୍ରାୟ

ମନ୍ଦ ଅଭିପ୍ରାୟ ଓ ଅଭିଳାଷଗୁଡ଼ିକୁ ଖୋଜି ବାହାର କଲାପରେ, ଆମେ ସେଗୁଡ଼ିକୁ ସ୍ୱୀକାର କରିବାକୁ ହେବ ଏବଂ ପରିବର୍ତ୍ତନ କରିବାକୁ ଈଶ୍ୱରଙ୍କୁ କହିବାକୁ ହେବ। ଦାଉଦ ଯେପରି ପ୍ରାର୍ଥନା କଲେ ସେହିପରି କରନ୍ତୁ, *"ହେ ପରମେଶ୍ୱର, ମୋ ଅନ୍ତରରେ ଶୁଚି ଅନ୍ତଃକରଣ ସୃଷ୍ଟି କର, ଓ ମୋ ମଧ୍ୟରେ ସୁସ୍ଥିର ଆତ୍ମା ନୂତନ କର"* (ଗୀତସଂହିତା 51:10)। ଆମ ବ୍ୟକ୍ତିଗତ ଜୀବନରେ ଯେତେବେଳେ ଆମେ ଲୋକଙ୍କ ମଧ୍ୟରେ ସେବାକାର୍ଯ୍ୟ କରୁ, ଆମେ ନିରନ୍ତର ନିଜକୁ ବିଭିନ୍ନ କ୍ଷେତ୍ରରେ ମନ୍ଦ ଅଭିପ୍ରାୟରୁ ରକ୍ଷା କରିବା ଆବଶ୍ୟକ। ଆମେ ନିଜକୁ ଏହି ପ୍ରଶ୍ନ ପଚାରିବା ଆବଶ୍ୟକ, "ମୁଁ କାହିଁକି ଏହା କରୁଛି? ମୋର ଅଭିପ୍ରାୟ କଣ? ମୋର ଆନ୍ତରିକ ଇଚ୍ଛା କଣ?" ଉଦାହରଣସ୍ୱରୂପ, ଯଦି ଆମକୁ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ସେବା କରିବାପାଇଁ ନିମନ୍ତ୍ରଣ କରାଯାଏ, ତେବେ ଆମର ହୃଦୟକୁ ପ୍ରସ୍ତୁତ କରିବାକୁ ଏବଂ ସେହି ସ୍ଥାନକୁ ଯିବା ନିମନ୍ତେ ଏକାନ୍ତ ଅଭିପ୍ରାୟ ଦେବାପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିବା ଆବଶ୍ୟକ। ହୁଏତ ଆମ ସେବାକାର୍ଯ୍ୟ ପାଇଁ ସେମାନେ ଯେଉଁ ଦାନ ଦେବେ, ତାହା ଉପରେ ଧ୍ୟାନ ଦେବାରୁ ଆମର ହୃଦୟକୁ ରକ୍ଷା କରିବା ଉଚିତ। ଆମେ ଯେଉଁଭଳି ଈଶ୍ୱରଙ୍କ ପ୍ରେମ ଓ ଶକ୍ତିର ଅଲୌକିକ ପରିପ୍ରକାଶ ହେଉ ବୋଲି ଆକାଂକ୍ଷା କରୁଛୁ, ନିଜକୁ "ଈଶ୍ୱରଙ୍କ ଏକ ମହାନ ଅଭିଷିକ୍ତ ଦାସ" ଭାବରେ ପରିଚିତ କରାଇବାର ଅପ୍ରକାଶିତ ମନୋଭାବଠାରୁ ଆମର ହୃଦୟକୁ ରକ୍ଷା କରିବା ଆବଶ୍ୟକ। ଆମେ ଯେତେବେଳେ ସେବାକାର୍ଯ୍ୟରେ ବଢ଼ିବାକୁ ଚେଷ୍ଟା କରୁଛୁ, କେବଳ ନିଜର "ସେବାକାର୍ଯ୍ୟ" କିମ୍ବା ନିଜର "ରାଜ୍ୟ" ପ୍ରତିଷ୍ଠା କରିବା ଅଭିଳାଷରୁ ଆମର ହୃଦୟକୁ ରକ୍ଷା କରିବା ଉଚିତ। ଆମେ ସର୍ବଦା ନିଜକୁ ସ୍ମରଣ କରାଇବା ଉଚିତ ଯେ, ଏହା "ଈଶ୍ୱରଙ୍କ କାର୍ଯ୍ୟ" ଅଟେ, "ଆମର କାର୍ଯ୍ୟ" ନୁହେଁ ଏବଂ ଏହା "ଈଶ୍ୱରଙ୍କ ରାଜ୍ୟ" ଅଟେ, "ଆମର ରାଜ୍ୟ" ନୁହେଁ ।

ସେବାକାର୍ଯ୍ୟରେ ସଜାଗ ରହିବାର ଗୁରୁତ୍ୱକୁ ମୁଁ ପ୍ରାଧାନ୍ୟ ଦେଇଛି କାରଣ ଆମର ଅଭିପ୍ରାୟ ଏବଂ ଅଭିଳାଷ ଆମ ଜୀବନର ଅନେକ ବିଷୟକୁ ନିର୍ଣ୍ଣୟ ଓ ପ୍ରଭାବିତ କରେ। ସର୍ବୋପରି, ଈଶ୍ୱର ଆମର ବାହ୍ୟ ଅଭିବ୍ୟକ୍ତିର ବାହାରେ ଥିବା ବିଷୟସବୁକୁ ଦେଖନ୍ତି। *"ପୁଣି ମନୁଷ୍ୟ ଯେପରି ଦେଖେ, ସଦାପ୍ରଭୁ ସେପରି ଦେଖନ୍ତି ନାହିଁ; କାରଣ ମନୁଷ୍ୟ ବାହ୍ୟରୂପ ଦେଖେ, ମାତ୍ର ସଦାପ୍ରଭୁ ଅନ୍ତଃକରଣ ଦେଖନ୍ତି"*

(1 ଶାମୁୟେଲ 16:7)। ଈଶ୍ୱର ଅନ୍ତରରେ ସତ୍ୟତା ଚାହାଁନ୍ତି (ଗୀତସଂହିତା 51:6)। ଆପଣଙ୍କ ଅଭିପ୍ରାୟ ଓ ଅଭିଳାଷ ଉପରେ ନିରନ୍ତର ସତର୍କ ଦୃଷ୍ଟି ରଖନ୍ତୁ। ସେଗୁଡ଼ିକ ଯଦି ଠିକ୍ ନୁହେଁ, ତେବେ ଈଶ୍ୱରଙ୍କ ନିକଟକୁ ଯାଆନ୍ତୁ ଏବଂ ଆପଣଙ୍କୁ ପରିବର୍ତ୍ତନ କରିବାପାଇଁ ପ୍ରାର୍ଥନା କରନ୍ତୁ!

# 3
# ଆମର ଚିନ୍ତାରେ, ମନୋଭାବରେ, କଥାବାର୍ତ୍ତାରେ, ଏବଂ ଆଚରଣରେ ପରିବର୍ତ୍ତନ

ରୋମୀୟ 12:2
**ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ..... ଆପଣା ଆପଣା ମନର ନୂତନୀକରଣ ଦ୍ୱାରା ପରିବର୍ତ୍ତିତ ହୁଅ।**

ଏଫିସୀୟ 4:23
**ପୁଣି ତୁମ୍ଭମାନଙ୍କ ମନରେ** (ମନୋଭାବ) **ନୂତନୀକୃତ ହୋଇ।**

1 ତୀମଥି 4:12
**ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭକୁ ତୁଚ୍ଛ ନ କରୁ, କିନ୍ତୁ ବାକ୍ୟରେ, ଆଚରଣରେ, ପ୍ରେମରେ, ବିଶ୍ୱାସରେ ଓ ପବିତ୍ରତାରେ ବିଶ୍ୱାସୀମାନଙ୍କର ଆଦର୍ଶସ୍ୱରୂପ ହୁଅ ।**

ପ୍ରଭୁ ଆମର ଚିନ୍ତାଧାରା ଏବଂ ମନୋଭାବରେ ପରିବର୍ତ୍ତନ ଦେଖିବାକୁ ଚାହାନ୍ତି। *"ମନର ନୂତନୀକରଣ"* (ରୋମୀୟ 12:2) ଦର୍ଶାଏ ଯେ ଆମର ଦୃଷ୍ଟିକୋଣ, ମନୋଭାବ, ଏବଂ ଚିନ୍ତାଧାରାରେ ପରିବର୍ତ୍ତନ ହେବା ଆବଶ୍ୟକ। ଏହାର ଅନେକ ଦିଗ ରହିଛି। ଆମେ "ଜାଗତିକ" ଚିନ୍ତାସବୁରୁ ବା "ସାଂସାରିକ" ମନୋଭାବରୁ ପରିବର୍ତ୍ତିତ ହେବା ଆବଶ୍ୟକ ଏବଂ ଈଶ୍ୱରଙ୍କ ଚିନ୍ତାସବୁ ଓ ମନୋଭାବ ଧାରଣ କରିବାକୁ ହେବ। ଆମେ "ନିମ୍ନ ସ୍ତରୀୟ" ଚିନ୍ତାଧାରାରୁ ବାହାରି ଆସିବାକୁ ହେବ ଏବଂ ବାକ୍ୟ ସହିତ ସମନ୍ୱୟ ରକ୍ଷା କରି ବିଶ୍ୱାସର ଭିତ୍ତିଭୂମି ଉପରେ ଆମ ଚିନ୍ତାଧାରାର ମାନଦଣ୍ଡକୁ ଉନ୍ନୀତ କରିବାକୁ ହେବ। ଆମ ଭିତରୁ କେତେକ ନୈରାଶ୍ୟବାଦରୁ, ସେହି ନକାରାତ୍ମକ "ହୋଇପାରିବ ନାହିଁ" ମନୋଭାବରୁ ମୁକ୍ତ ହୋଇ ଈଶ୍ୱରଙ୍କଠାରେ ସରଳ ବିଶ୍ୱାସ ଦ୍ୱାରା ଉପଲବ୍ଧ ମହା ସମ୍ଭାବନାସମୂହକୁ ଦେଖିବାକୁ ଆରମ୍ଭ କରିବା ଆବଶ୍ୟକ। ଆମ ମଧ୍ୟରୁ ଅନେକେ "ପୁରୁଣା ଢ଼ାଞ୍ଚା"ର କାର୍ଯ୍ୟଶୈଳୀ ଭିତରେ ଏତେଦୂର ସଂଶ୍ଳିଷ୍ଟ ଯେ ସ୍ୱୟଂ ପ୍ରଭୁ ଚାହୁଁଥିବା "ନୂତନ ଓ ସତେଜ" କାର୍ଯ୍ୟଶୈଳୀକୁ ଗ୍ରହଣ କରିବାକୁ ଆମେ ଅନିଚ୍ଛୁକ। ଆମର ଧର୍ମୀୟ ରୀତିନୀତି ଓ ପରମ୍ପରା ଆମର ଚିନ୍ତାଧାରାକୁ ଏପରି

ଭାବରେ ବାନ୍ଧି ରଖିଛି ଯେ, ଆମେ ବିଶ୍ୱାସ କରୁ ଆମେ ଶିକ୍ଷାପ୍ରାପ୍ତ ହୋଇଥିବା ମାର୍ଗ ବ୍ୟତୀତ ଅନ୍ୟ କୌଣସି ମାର୍ଗରେ ଈଶ୍ୱର କାର୍ଯ୍ୟ କରିପାରିବେ ନାହିଁ।

ଆମ କେତେକଙ୍କର ସ୍ୱପ୍ନସବୁ ଏତେ ଛୋଟ, ଉଚ୍ଚ ଆକାଂକ୍ଷାସବୁ ଏତେ ନିମ୍ନମାନର, ଦର୍ଶନସବୁ ଏତେ ନିଷ୍ପ୍ରଭ ଯେ, ସେମାନେ ଏହିସବୁ କ୍ଷେତ୍ରରେ ପରିବର୍ତ୍ତନ ଦେଖିବା ଅତି ଆବଶ୍ୟକ ଅଟେ। ଆମକୁ ବଡ଼ ସ୍ୱପ୍ନ ଦେଖିବାକୁ ହେବ, ଈଶ୍ୱରଙ୍କ ନିମନ୍ତେ ଅଧିକତର କାର୍ଯ୍ୟ କରିବାର ଉଚ୍ଚ ଆକାଂକ୍ଷା ରଖିବାକୁ ହେବ, ଏବଂ ଏପରି ଦର୍ଶନ ଦେଖିବାକୁ ହେବ ଯାହା ଜଗତରେ ଏକ ଭିନ୍ନତା ସୃଷ୍ଟି କରିବ। ଆମ ମଧ୍ୟରୁ ଅନେକେ—ବିଫଳତା,ପରାଜୟ, ନିରୁତ୍ସାହ, ବା ବଡ଼ ବିପର୍ଯ୍ୟୟର ଅନୁଭୂତି ହେତୁ—ଉଦାସୀନତା, ଆଶାହୀନତା, କିମ୍ବା ନୈରାଶ୍ୟଜନକ ସ୍ଥିତିରେ ପଡ଼ିରହିଛନ୍ତି। ଅଗ୍ରଗତି ଓ ଅଭିବୃଦ୍ଧି ନିମନ୍ତେ ସେମାନଙ୍କଠାରେ କୌଣସି ପ୍ରକାରେ ଆଗକୁ ବଢ଼ିବାର ଇଚ୍ଛା, କିମ୍ବା ପ୍ରବର୍ତ୍ତନା, କି ପ୍ରଚେଷ୍ଟା ଦେଖାଯାଉନାହିଁ। ଈଶ୍ୱର ଏହି ସମସ୍ତକୁ ପରିବର୍ତ୍ତନ କରିପାରିବେ ଯଦି ଆମେ ତାହାକୁ କିଞ୍ଚିତ ପରିମାଣରେ ଆମର ସହଯୋଗ ପ୍ରଦାନ କରିବାର ଇଚ୍ଛା ପ୍ରକାଶ କରୁ। କେତେକେ ହୁଏତ କେବଳ ଅଳସୁଆମୀ ଯୋଗୁଁ ସବୁ ବିଷୟରେ ପଛୁଆ, ଚିନ୍ତାମଗ୍ନ ଓ ଉଦାସୀନ ଅଟନ୍ତି। ଆମର ମନୋଭାବରେ ଆମେ ଆମୂଳ ପରିବର୍ତ୍ତନ ଆବଶ୍ୟକ କରୁଛୁ। ଆଉ କେତେକେ ସର୍ବଦା ଜାଣିଶୁଣି ବିଳମ୍ବ କରନ୍ତି ଏବଂ ସେମାନଙ୍କୁ ତାହା ପରିବର୍ତ୍ତନ କରିବାକୁ ପଡ଼ିବ। କେତେକେ "ଯୋଜନା କରନ୍ତି" ଓ ବାକ୍ୟ "ବୀର ଅଟନ୍ତି", କିନ୍ତୁ "ଲଙ୍ଗଳରେ କେବେ ହାତ ଦିଅନ୍ତି ନାହିଁ"। ଏହାର ମଧ୍ୟ ପରିବର୍ତ୍ତନ ଆବଶ୍ୟକ। କେତେକେ ଭୟ, ଅହଙ୍କାର, ତିକ୍ତତା କିମ୍ବା ଅନ୍ୟାନ୍ୟ ମନ୍ଦ ଚରିତ୍ରରେ ବନ୍ଧା ଯାହା ଈଶ୍ୱରଙ୍କ ସନ୍ତୋଷଜନକ ନୁହେଁ, ଏବଂ ସେ ଏହିସବୁର ପରିବର୍ତ୍ତନ ଦେଖିବାକୁ ଚାହାନ୍ତି। ଆମର କଥାବାର୍ତ୍ତା ଓ ଆଚରଣକୁ ଉଚ୍ଚସ୍ତରକୁ ନେଇଯିବା ପାଇଁ ଈଶ୍ୱର ଇଚ୍ଛା କରନ୍ତି। ଆମର କଥାବାର୍ତ୍ତା ଓ ଆଚରଣ ଏକ ଉତ୍ତମ ବିଶ୍ୱାସୀର ଅନୁରୂପୀ ହେବା ଉଚିତ।

ବ୍ୟକ୍ତିଗତ ଭାବରେ, ଆମ ଜୀବନର ଭୁଲ ଚିନ୍ତାଧାରା ଓ ମନୋଭାବ ବିଷୟରେ ଆମେ ଯେତେବେଳେ ସଚେତନ ହେଉ, ଆମେ ଈଶ୍ୱରଙ୍କ ନିକଟକୁ ଯିବା, ତାହାଙ୍କ ସମ୍ମୁଖରେ ସେସବୁକୁ ସ୍ୱୀକାର କରିବା ଏବଂ ସେ ଆମକୁ ପରିବର୍ତ୍ତନ କରନ୍ତୁ ବୋଲି ପ୍ରାର୍ଥନା କରିବା। ଅନେକ ବର୍ଷ ଧରି ପ୍ରଭୁଙ୍କ ସହିତ ଚାଲିବା ପରେ ମଧ୍ୟ, ଆମ ଜୀବନର ଅନେକ କ୍ଷେତ୍ରକୁ ଆମେ ଚିହ୍ନଟ କରିପାରିବା ଯାହାର ପରିବର୍ତ୍ତନର

ଆବଶ୍ୟକତା ରହିଛି। ଆପଣଙ୍କ ଜୀବନର ମନୋଭାବକୁ ଓ ଚିନ୍ତାଧାରାକୁ ଆପଣ ଚିହ୍ନଟ କରି ଈଶ୍ୱରଙ୍କ ନିକଟକୁ ଆଣିପାରିବେ କି ଏବଂ କହିବେ କି, "ପ୍ରଭୁ ମୋ ଜୀବନରେ ଏହିସବୁ ପରିବର୍ତ୍ତନ ଦେଖିବାକୁ ମୁଁ ଚାହେଁ?"

# 4
# ଅପ୍ରତ୍ୟାଶିତ ପରିବର୍ତ୍ତନ ପାଇଁ ଖୋଲା ରୁହନ୍ତୁ

**ଯୋହନ 3:8**
**ବାୟୁ ଯେଉଁ ଦିଗରେ ଇଚ୍ଛା କରେ, ସେହି ଦିଗରେ ବହେ ଆଉ ତୁମ୍ଭେ ତାହାର ଶବ୍ଦ ଶୁଣିଥାଅ, କିନ୍ତୁ ତାହା କେଉଁଠାରୁ ଆସେ ପୁଣି କେଉଁଠାକୁ ଯାଏ, ତାହା ଜାଣ ନାହିଁ; ଆତ୍ମାଙ୍କଠାରୁ ଜାତ ପ୍ରତ୍ୟେକ ଲୋକ ସମ୍ବନ୍ଧରେ ସେହିପ୍ରକାର ।**

ଆତ୍ମାରେ ପୂନର୍ଜନ୍ମ ହେଲାପରେ ଏହା ଆମକୁ ଏପରି ଏକ ଜୀବନ ମଧ୍ୟକୁ ନେଇଯାଏ ଯାହାର ସବୁକିଛି ସମ୍ପୂର୍ଣ୍ଣଭାବେ ବୁଝାଇ ହୁଏନା। କିଛି ବିଷୟରେ ଆମେ କେବଳ ସମର୍ପିତ ହେବାକୁ ଓ ଅନୁଭବ କରିବାକୁ ହୁଏ। ଆତ୍ମାଙ୍କ ଦ୍ୱାରା ସାଧିତ ଏହି ନୂତନ ଜନ୍ମକୁ ପ୍ରଭୁ ଯୀଶୁ ସ୍ୱଇଚ୍ଛାରେ ଚାଳିତ ବାୟୁ ସହ ତୁଳନା କରିଥିଲେ। ଆମେ କେବଳ ଏହାକୁ ଅନୁଭବ କରୁ। ଏହାର ପ୍ରକୃତ ଉତ୍ପତ୍ତି ଓ ଗନ୍ତବ୍ୟ ସ୍ଥଳ ଆମେ ଜାଣୁନା। ସେହିପରି ମଧ୍ୟ, ଆତ୍ମାଙ୍କର ଅନେକ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ବ୍ୟାଖ୍ୟା କରି ହୁଏନା। ସେ ଯେଉଁ କାର୍ଯ୍ୟ କରନ୍ତି ତାହା କେବଳ ଆମେ ଅନୁଭବ କରୁ ଓ ଜାଣିପାରୁ। ବେଳେବେଳେ ଈଶ୍ୱର ଆମ ଜୀବନରେ କିଛି ଘଟଣା ଘଟାନ୍ତି ଓ ପରିସ୍ଥିତି ସୃଷ୍ଟି କରନ୍ତି, ଯାହା ଆମପାଇଁ ସମ୍ପୂର୍ଣ୍ଣଭାବେ ଅନପେକ୍ଷିତ ଥାଏ। ସେହିପରି ଘଟଣାର ସମ୍ମୁଖୀନ ହେବୁ ବୋଲି ଆମର ପୂର୍ବ ସୂଚନା ନ ଥାଏ। ସେସବୁ ଆମ ଯୋଜନାରେ ଅନ୍ତର୍ଭୁକ୍ତ ନ ଥାଏ। ତେବେ, ସବୁଠାରୁ ବୁଦ୍ଧିମାନର କାର୍ଯ୍ୟ ହେବ ପ୍ରଭୁଙ୍କଠାରେ ସମର୍ପିତ ହେବା ଏବଂ "ବାୟୁ ଯେଉଁଆଡ଼େ ବହେ ସେହି ସ୍ଥାନକୁ ଯିବା।" ପ୍ରଭୁ ଯାହା ଆମ ଜୀବନ ମଧ୍ୟକୁ ଆଣନ୍ତି ସେହି ଅପ୍ରତ୍ୟାଶିତ ପରିବର୍ତ୍ତନଗୁଡ଼ିକ ପ୍ରତି ଉନ୍ମୁକ୍ତ ରହିବାକୁ ଶିଖିବା ଅତୀ ଗୁରୁତ୍ୱପୂର୍ଣ୍ଣ ଅଟେ। ସେହିସବୁ ଆମ ଜୀବନର ଗତିପଥକୁ ବଦଳାଇ ଦେଇ ପାରିବ।

## ଆମ ସେବାକାର୍ଯ୍ୟରେ ପରିବର୍ତ୍ତନ

ଉଭୟେ ଆମି (ମୋ ସ୍ତ୍ରୀ) ଏବଂ ମୁଁ ଏପରି ଅନେକ ଘଟଣା ସ୍ମରଣ କରିପାରୁ ଯେ, କିପରି ଈଶ୍ୱର ଆମପାଇଁ ସଂରକ୍ଷିତ କରି ରଖିଥିବା ବିଷୟ ଆଡ଼କୁ କଢ଼ାଇ ନେବାପାଇଁ ଅନପେକ୍ଷିତ ପରିବର୍ତ୍ତନଗୁଡ଼ିକୁ ବ୍ୟବହାର କଲେ। 1995 ସାଲରେ,

ମୋର ବାପା ଏକ ବ୍ୟବସାୟିକ ଯାତ୍ରାରେ ଆମେରିକା ଯାଇଥିଲେ। ଗୋଟିଏ ରାତି ପାଇଁ ନିଉ ବୃନ୍ସ୍ୱିକ୍, ନ୍ୟୁ ଜର୍ସିର, ଯେଉଁଠି ମୁଁ ରହୁଥିଲି ସେଠାରେ ମୋତେ ଦେଖା କରି ରାତ୍ରିଯାପନ କରିବାପାଇଁ ସେ ମନସ୍ଥ କଲେ। ସେ ଏକ ଶନିବାର ଦିନ ଆସିଲେ ଏବଂ ପରଦିନ ସନ୍ଧ୍ୟାରେ ଚାଲିଯିବାର ଥିଲା। ମୋ ବାପା ସବୁବେଳେ ଆଫ୍ରିକୀୟ ଆମେରିକୀୟ ଚର୍ଚ୍ଚରେ ଯୋଗ ଦେବାକୁ ଇଚ୍ଛା କରନ୍ତି କାରଣ ସେମାନଙ୍କ ସଙ୍ଗୀତ ଏବଂ ଆରାଧନା ଶୈଳୀକୁ ସେ ଅନୁଭବ କରିବାକୁ ଇଛା କରିଥିଲେ। ଆମ ନିକଟରେ ଏକ ଆଫ୍ରିକୀୟ-ଆମେରିକୀୟ ଚର୍ଚ୍ଚ ଥିଲା ତେଣୁ ଆମେ ରବିବାର ସକାଳେ ସେହି ଚର୍ଚ୍ଚରେ ଯୋଗ ଦେଲୁ। ମୁଁ ପୂର୍ବରୁ କେବେହେଲେ ସେପରି ଉତ୍‌ଫୁଲିତ ଓ ସ୍ୱତଃପୁତଃ ସଙ୍ଗୀତ ଗାନ ଦେଖି ନ ଥିଲି କି ଅନୁଭବ କରି ନ ଥିଲି। ତାହା କାନ ବଧିର କଲାଭଳି ଅତି ଉଚ୍ଚ ଧ୍ୱନିର ଥିଲା, ଆଉ ଲାଗୁଥିଲା ଯେମିତି ଚର୍ଚ୍ଚ ଘରଟି ଭୁଷୁଡ଼ି ପଡ଼ିବ। ଅନ୍ତତଃ ମୋତେ ସେପରି ଅନୁଭୂତ ହେଉଥିଲା। ସେହି ସମୟ ପର୍ଯ୍ୟନ୍ତ ମୁଁ ବିଶ୍ୱବିଦ୍ୟାଳୟରେ କୋରିଆ-ଆମେରିକୀୟ ଭାଇ ଓ ଭଉଣୀମାନଙ୍କ ସହିତ ମିଶି କାର୍ଯ୍ୟ କରୁଥିଲି ଏବଂ ସେମାନଙ୍କ ସହିତ ମୋର ନିବିଡ଼ ସହଭାଗିତା ଥିଲା। ଉପାସନାର ସ୍ୱାଧୀନତା ଆମେ ଉପଭୋଗ କରୁଥିଲୁ,କିନ୍ତୁ ଯାହା ମୁଁ ଏଠାରେ ଅନୁଭବ କଲି ଏହି ତୁଳନାରେ ତାହା କିଛି ନୁହେଁ। ମୋ ମନ ସହସ୍ର ଭାବନାରେ ପରିପୂର୍ଣ୍ଣ ହେଲା। ମୋର ଅନ୍ତରାତ୍ମାରେ ମୁଁ ଜାଣିଥିଲି ଯେ ଆରାଧନାରେ ଏହିପରି ସ୍ୱାଧୀନତା ଠିକ୍ ଅଟେ। ମୁଁ ସବୁବେଳେ ଚାହୁଁଥିଲି ସ୍ୱାଧୀନତାର ସହିତ ଈଶ୍ୱରଙ୍କର ଆରାଧନା ଓ ପ୍ରଶଂସା କରିବା ପାଇଁ। କିନ୍ତୁ ଏହି ଆଫ୍ରିକୀୟ-ଆମେରିକୀୟ ଚର୍ଚ୍ଚରେ ଯାହା ହେଉଥିଲା, ତାହା ଦେଖି ମୁଁ ସ୍ତବ୍ଧ ହୋଇଗଲି। ସେହିଦିନର ଅପରାହ୍ନରେ ଯେତେବେଳେ ମୁଁ ଏକା ଥିଲି, ମୁଁ ଅତ୍ୟନ୍ତ ଦ୍ୱନ୍ଦରେ ପଡ଼ିଲି। ମୋ ମନର ଏକ ଭାଗ କହୁଥିଲା, "ପ୍ରଭୁ, ମୁଁ ସେଠାକୁ ଯିବାକୁ ଚାହେଁ ନାହିଁ। ମୁଁ କେବେ ସେମାନଙ୍କ ପରି ହୋଇପାରିବି ନାହିଁ। ଏବଂ ମୁଁ ସେମାନଙ୍କ ଉଚ୍ଚ ଶବ୍ଦ ସହ୍ୟ କରିପାରିବି ନାହିଁ।" ମୋ ମନର ଅନ୍ୟ ଭାଗ କହୁଥିଲା, "ପ୍ରଭୁ ସେମାନଙ୍କ ପାଖରେ ଯାହା ଅଛି ମୁଁ ତାହା ଚାହେଁ—ତୁମର ଉପାସନା କରିବାପାଇଁ ସେହି ପ୍ରକାର ସ୍ୱାଧୀନତା।" ଉତ୍ତମ, ସାରାଂଶରେ, ମୁଁ ସେଠାକୁ ଗଲି ଏବଂ ଆମି ଯେତେବେଳେ ମୋ ସହିତ ଯୋଗଦେଲେ, ଆମେ ଦୁହେଁ ମିଶି ସେଠାକୁ ଗଲୁ। ଅତି କମ୍ ସମୟ ଭିତରେ ସେହି ଚର୍ଚ୍ଚରେ ବାକ୍ୟ ପରିବେଷଣ କରିବାପାଇଁ ମୋତେ ସୁଯୋଗ ଦିଆଗଲା ଏବଂ ଆମେ ପ୍ରତି ବୁଧବାର ରାତିରେ ସେଠାରେ ଉପାସନା କରୁଥିଲୁ। ଆମେ ସେଠାରେ ସେହି ବିସ୍ମୟକର ଆଫ୍ରିକୀୟ—ଆମେରିକୀୟ ଭାଇ ଓ ଭଉଣୀମାନଙ୍କୁ ସାକ୍ଷାତ୍

କରିପାରିଥିଲୁ। ଆମେ ମଧ୍ୟ ସେଠାରେ ଏକ ସ୍ପେନିସ୍ ଭାଷା କହିବା ଦମ୍ପତି—ମାନୁଏଲ ଓ ତାନିଆଙ୍କୁ ଭେଟିଲୁ। ଏହାପରେ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ସ୍ପେନ୍ ଭାଷାବାଦୀ ହିସ୍ପାନିକ୍ ଚର୍ଚ୍ଚରେ ବାକ୍ୟ ପ୍ରଚାର ପାଇଁ ସେମାନେ ଆମକୁ ଆମନ୍ତ୍ରଣ କଲେ। ଏହା ପରେ ପରେ, ସେହି ହିସ୍ପାନିକ ଚର୍ଚ୍ଚରେ ଆମେ ସେବାକାର୍ଯ୍ୟ କରିବାକୁ ଲାଗିଲୁ। ମାନୁଏଲ ଓ ତାନିଆ ପ୍ରତି ସପ୍ତାହରେ ବାଇବଲ ଅଧ୍ୟୟନ ପାଇଁ ଆମ ସହିତ ସମୟ ଦେଉଥିଲେ। ଆମି ସଙ୍ଗୀତ ଦଳରେ ସାହାଯ୍ୟ କରୁଥିଲେ ଏବଂ ସେହି ସ୍ପେନ୍ ଭାଷୀ ମଣ୍ଡଳୀ ମାଧ୍ୟମରେ ଏକ ସେବା କାର୍ଯ୍ୟକ୍ରମରେ ନଭେମ୍ବର 1996 ସାଲରେ ଇକ୍ୱେଡ଼ର ଯିବାର ସୁଯୋଗ ପାଇଲୁ!

ମୋ ବାପାଙ୍କର ନ୍ୟୁ ବୃନ୍ ସ୍ୱୀକ୍‌ରେ ଗୋଟିଏ ରାତ୍ରିର ରହଣି ଦ୍ୱାରା କେତେସବୁ ଘଟଣା କ୍ରମାଗତ ଭାବରେ ଘଟିଗଲା ତାହା ଲକ୍ଷ୍ୟ କରନ୍ତୁ !! ଅପ୍ରତ୍ୟାଶିତ? ନିଶ୍ଚିତ ଭାବରେ!! ଆମେ ଏହା ଯୋଜନା କରିଥିଲୁ କି? ନିଶ୍ଚିତଭାବେ ନୁହେଁ!! ଆତ୍ମାଙ୍କର ବାୟୁ ଯେଉଁ ଦିଗକୁ ପ୍ରବାହିତ ହେଲା ଆମେ କେବଳ ସେହି ଆଡ଼କୁ ଯିବାର ଶିଖିଲୁ। ଆମେ କେବେ କଳ୍ପନା କରି ନ ଥିଲୁ ଯେ ଆମେ ଆଫ୍ରିକାନ୍ ଆମେରିକାନ୍ କିମ୍ବା ହିସ୍ପାନିକ୍ ବିଶ୍ୱାସୀମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିବୁ ବୋଲି। ସେ ଯେଉଁଆଡ଼େ ପ୍ରବାହିତ କରିବାକୁ ଚାହିଁବେ, ଆମେ ସେଠାକୁ ଯିବା!! ଆପଣଙ୍କ ଜୀବନରେ ଈଶ୍ୱର ଯେଉଁ ଅନପେକ୍ଷିତ ପରିବର୍ତ୍ତନ ସବୁ ଆଣିବାକୁ ଚାହାଁନ୍ତି ସେଥିପାଇଁ ଆପଣ ପ୍ରସ୍ତୁତ ଓ ଉନ୍ମୁକ୍ତ ରୁହନ୍ତୁ।

# 5
# ପରିବର୍ତ୍ତନ—ପ୍ରଗତି ଏବଂ ଅଭିବୃଦ୍ଧି ନିମନ୍ତେ ଆବଶ୍ୟକ

**ଯୋହନ 12:24**

**ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଗହମବୀଜ ଯଦି ମୃତ୍ତିକାରେ ପଡ଼ି ନ ମରେ, ତାହାହେଲେ ତାହା ଏକମାତ୍ର ଥାଏ, କିନ୍ତୁ ଯଦି ମରେ, ତାହାହେଲେ ବହୁତ ଫଳ ଫଳେ।**

ଆମେମାନେ ଗୌରବରୁ ଗୌରବକୁ "ପରିବର୍ତ୍ତିତ" ହେଉଅଛୁ। ଅତଏବ, ଆଜି ଆମେ ଯେଉଁ ସ୍ତରର ଗୌରବ ଅନୁଭବ କରୁଛୁ, ତାର ପରବର୍ତ୍ତୀ ସ୍ତରକୁ ଯିବା ନିମନ୍ତେ ପ୍ରଥମେ ଆମକୁ ପରିବର୍ତ୍ତିତ ହେବା ଜରୁରୀ ଅଟେ। ଯେଉଁ ବିଷୟ ଆମକୁ ଗତିହୀନ କରେ ଓ ଆମର ପ୍ରଗତିକୁ ବାଧା ଦିଏ—ତାହା ଆମର ଅଭିପ୍ରାୟ, ମନୋଭାବ, ଆଚରଣ, କିମ୍ବା କଥାବାର୍ତ୍ତା ହେଉ—ସେସବୁ ପରିବର୍ତ୍ତନ ହେବା ଅତ୍ୟନ୍ତ ଜରୁରୀ। ଆମକୁ ଜାଗ୍ରତ ହେବାକୁ ହେବ ଏବଂ ଯାହାବି ହୋଇଥାଉ ସେଗୁଡ଼ିକୁ ସ୍ୱୀକାର କରିବାକୁ ହେବ ଏବଂ ପ୍ରଭୁଙ୍କ ସାହାଯ୍ୟରେ ସେସବୁର ପରବର୍ତ୍ତନ ଆଣିବାକୁ ହେବ। ଆଜି ଆମେ ଯେଉଁଠି ଅଛୁ ଆମର ଆଜିର ସ୍ଥିତିକୁ ଆମେ ଗୋଟିଏ *"ଗହମ ବୀଜ"* ର ପ୍ରତୀକ ସ୍ୱରୂପେ ନେଇ ପାରିବା। ଯଦି ଆମେ ସେହି ସ୍ତରକୁ ଉନ୍ନୀତ ହେବାପାଇଁ ଚାହୁଁଛୁ ଯେଉଁଠି ଆମେ *"ବହୁତ ବୀଜରେ"* ପରିଣତ ହେବା, ତେବେ ପ୍ରଥମେ ଆମକୁ *"ଭୂମିରେ ପଡ଼ିବାକୁ ହେବ," "ମରିବାକୁ ହେବ"* ଏବଂ ପରେ *"ବହୁତ ଶସ୍ୟ ଉତ୍ପନ୍ନ"* କରିପାରିବା। ଏହା ଆମ ଭିତରେ ପରିବର୍ତ୍ତନର ପ୍ରକ୍ରିୟାର ପ୍ରତୀକ ଅଟେ। ପ୍ରଥମେ ଆମକୁ ଭୂମିରେ ପଡ଼ିବାକୁ ହେବ ଏବଂ ତାହା ନମ୍ରତା ଆବଶ୍ୟକ କରେ। ଆମର ପରିବର୍ତ୍ତନର ଆବଶ୍ୟକତା ରହିଛି, ଏହି ସତ୍ୟକୁ ଗ୍ରହଣ କରିବା ପାଇଁ ଆମେ ନିତାନ୍ତ ନମ୍ର ହେବାକୁ ହେବ। ଆମେ ନିଜ ପ୍ରତି ମୃତ ହେବାକୁ ହେବ, ଅର୍ଥାତ୍ ଆମେ ନିଜକୁ ଅସ୍ୱୀକାର କରିବାକୁ ହେବ। ବେଳେବେଳେ ଏହା ଅତି କଷ୍ଟଦାୟକ ପ୍ରକ୍ରିୟା ଅଟେ। ତେବେ ଆମେ ଗୌରବର ପରବର୍ତ୍ତୀ ସ୍ତରକୁ ଉନ୍ନୀତ ହୋଇପାରିବା, ଏବଂ ପ୍ରଗତି ଓ ଅଭିବୃଦ୍ଧିକୁ ଅନୁଭବ କରିପାରିବା।

# 6
# ପରିବର୍ତ୍ତନର ଆତ୍ମା

**ଆଦି ପୁସ୍ତକ 1:1-3**

**1 ଆଦ୍ୟରେ ପରମେଶ୍ୱର ସ୍ୱର୍ଗ ଓ ପୃଥିବୀର ସୃଷ୍ଟି କଲେ ।**

**2 ପୃଥିବୀ ନିର୍ଜନ ଓ ଶୂନ୍ୟ ଥିଲା, ଆଉ ଗଭୀର ଜଳ ଉପରେ ଅନ୍ଧକାର ଥିଲା; ପୁଣି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ ।**

**3 ଅନନ୍ତର ପରମେଶ୍ୱର କହିଲେ, ଦୀପ୍ତି ହେଉ; ତହିଁରେ ଦୀପ୍ତି ହେଲା ।**

ପରମେଶ୍ୱରଙ୍କ ଆତ୍ମା ଆମକୁ ଗୌରବରୁ ଗୌରବକୁ ପରିବର୍ତ୍ତିତ କରେ। ପବିତ୍ର ଆତ୍ମା ପରିବର୍ତ୍ତନର ପରିଚାଳକ ଅଟନ୍ତି। ପୃଥିବୀ ନିର୍ଜନ, ଶୂନ୍ୟ ଓ ଅନ୍ଧକାର ଥିଲା। ତଥାପି ପରମେଶ୍ୱରଙ୍କ ଆତ୍ମା ଜଳ ଉପରେ ବ୍ୟାପ୍ତ ଥିଲେ। ତହୁଁ ପରମେଶ୍ୱର କହିଲେ, *"ଦୀପ୍ତି ହେଉ"* (ଆଦି ପୁସ୍ତକ 1:3) ଏବଂ ଶକ୍ତିଶାଳୀ ପବିତ୍ର ଆତ୍ମା ଅନ୍ଧକାର ମଧ୍ୟକୁ ଆଲୋକ ଆଣିଲେ। ଏହା ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଯେ ପରମେଶ୍ୱରଙ୍କ ଆତ୍ମା ସେହି ନିର୍ଜନ, ଶୂନ୍ୟ ଓ ଅନ୍ଧକାର ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ ଯେତେବେଳେ ପରମେଶ୍ୱର ସେହି ସୃଜନକାରୀ ଓ ପୁନରୁଦ୍ଧାରକାରୀ ବାକ୍ୟ ପ୍ରୟୋଗ କରିବାକୁ ଉଦ୍ୟତ ଥିଲେ। ଆମେ ବିଶ୍ୱାସ କରୁ ଯେ ପବିତ୍ର ଆତ୍ମା ପରିବର୍ତ୍ତନର ଆତ୍ମା ଅଟନ୍ତି। ସେ ହିଁ ଜଣେ ଯିଏକି ପରିବର୍ତ୍ତନ ଏବଂ ରୂପାନ୍ତରଣ ଆଣନ୍ତି। ସେ ଏହି କାର୍ଯ୍ୟକୁ ଅତି ବ୍ୟାପକ ମାତ୍ରାରେ କଲେ ଯେତେବେଳେ ପୃଥିବୀ ପୃଷ୍ଠର ପୁନରୁଦ୍ଧାର କରାଗଲା (ଆଦି ପୁସ୍ତକ 1)। ତେବେ ଈଶ୍ୱରଙ୍କ ଗୌରବକୁ ଆମ ଭିତରେ ସଞ୍ଚାରିତ କରି ଏବଂ ଆମକୁ ରୂପାନ୍ତରଣ କରି କେତେ ଅଧିକ ମାତ୍ରାରେ ସେ ଆମ ଜୀବନରେ କାର୍ଯ୍ୟ କରିବେ ବୋଲି ଆମେ ଆଶା କରିବା ଯେପରି କି ତାହାଙ୍କ ଦୃଷ୍ଟିରେ ଆମେ ମଧ୍ୟ ଉତ୍ତମ ଦେଖାଯିବା। ଆମେ ଯେଉଁ ପରିମାଣରେ ତାଙ୍କଠାରେ ସମର୍ପିତ ହେବା, ସେ ଠିକ୍ ସେତିକି ପରିମାଣରେ ଆମ ଜୀବନରେ କାର୍ଯ୍ୟ କରିବେ। ପବିତ୍ରଆତ୍ମାଙ୍କ ପ୍ରତି ଆପଣା ହୃଦୟ ଖୋଲି ଦିଅନ୍ତୁ। ତାଙ୍କଠାରେ ନିଜକୁ ଉତ୍ସର୍ଗ କରନ୍ତୁ ଏବଂ ଆପଣଙ୍କୁ ପରିବର୍ତ୍ତନ କରିବା ପାଇଁ ତାଙ୍କୁ କହନ୍ତୁ। ଆପଣଙ୍କ ଜୀବନର ଯେଉଁ କ୍ଷେତ୍ରଗୁଡ଼ିକରେ ପରିବର୍ତ୍ତନର ଆବଶ୍ୟକତା ରହିଛି, ସେହିସବୁ କ୍ଷେତ୍ରରେ ସାହାଯ୍ୟ କରିବାପାଇଁ ତାଙ୍କ

ନିକଟରେ ପ୍ରାର୍ଥନା କରନ୍ତୁ।

## ପରମେଶ୍ୱରଙ୍କ ବାକ୍ୟ ପରିବର୍ତ୍ତନ ସାଧନ କରେ

ପରମେଶ୍ୱରଙ୍କ ସୃଜନକାରୀ ଓ ପୁନରୁଦ୍ଧାରକାରୀ କାର୍ଯ୍ୟରେ ଯେ କେବଳ ପବିତ୍ର ଆତ୍ମା ପୃଥିବୀ ପୃଷ୍ଠରେ ବିଚରଣ କରୁଥିଲେ ତାହା ନୁହେଁ, ମାତ୍ର ଅନ୍ଧକାର ଓ ଶୂନ୍ୟତା ଉପରେ ଈଶ୍ୱରଙ୍କ ବାକ୍ୟ ମଧ୍ୟ ଉଚ୍ଚାରିତ ହୋଇଥିଲା (ଆଦି ପୁସ୍ତକ 1)। ଠିକ୍ ସେହିପରି, ଆତ୍ମା ଏବଂ ବାକ୍ୟ ଏକତ୍ର ହୋଇ ଆମ ଜୀବନରେ ପରିବର୍ତ୍ତନ ସାଧନ କରନ୍ତି। ଆପଣା ହୃଦୟ ଓ ମନକୁ ଈଶ୍ୱରଙ୍କ ବାକ୍ୟ ସମ୍ମୁଖରେ ଉନ୍ମୁକ୍ତ କରନ୍ତୁ। ନିଜେ ବାକ୍ୟ ପଢ଼ନ୍ତୁ ଓ ଧ୍ୟାନ କରନ୍ତୁ। ତା'ହେଲେ ଈଶ୍ୱରଙ୍କ ବାକ୍ୟ ତାହାର ପରିବର୍ତ୍ତନକାରୀ ଶକ୍ତି ଆପଣଙ୍କ ଜୀବନରେ ମୁକ୍ତ କରିବାକୁ ଆରମ୍ଭ କରିବ।

# ଏକ ପ୍ରାର୍ଥନା

ପ୍ରଭୁ, ମୋତେ ପରିବର୍ତ୍ତନ କର!

*ପ୍ରିୟ ପିତା,*

*ପ୍ରଭୁ ଯୀଶୁଙ୍କ ନାମରେ ମୁଁ ତୁମ ନିକଟକୁ ଆସୁଛି। ପ୍ରଭୁ, ମୁଁ ଦେଖୁଛି ମୋ ଜୀବନରେ ଅନେକ ବିଷୟ ରହିଛି ଯାହାର ପରିବର୍ତ୍ତନର ଆବଶ୍ୟକତା ରହିଛି। ପ୍ରଭୁ, ତୁମ୍ଭ ବାକ୍ୟର ଶକ୍ତିରେ ଓ ତୁମ୍ଭ ଆତ୍ମାଙ୍କ ଶକ୍ତିରେ ମୋତେ ପରିବର୍ତ୍ତନ କର। ବର୍ତ୍ତମାନ ମୁଁ ଯେଉଁଠି ଅଛି ସେଠାରୁ ତୁମ୍ଭେ ଯେଉଁଠାକୁ ମୋତେ ନେବାକୁ ଚାହୁଁଛ ସେଠାକୁ ମୁଁ ଯିବାକୁ ଚାହେଁ। ତୁମେ ଯାହା ହେବାକୁ ଚାହୁଁଛ ମୁଁ ସମ୍ପୂର୍ଣ୍ଣଭାବେ ତାହା ହେବାକୁ ଚାହେଁ। ତୁମ୍ଭେ ଯାହାସବୁ ମୋ ନିମନ୍ତେ ସଂରକ୍ଷଣ କରି ରଖିଛ ସେ ସମସ୍ତ ମୁଁ ପାଇବାକୁ ଚାହେଁ। ପ୍ରଭୁ, ମୋର ହୃଦୟ ଓ ମୋ ମନକୁ ପରିବର୍ତ୍ତନ କର। ମୋର ଅଭିପ୍ରାୟ, ମୋର ମନୋଭାବ, ମୋର କଥାବାର୍ତ୍ତା ଏବଂ ଆଚରଣକୁ ପରିବର୍ତ୍ତନ କର। ଯେଉଁ ସକଳ ବିଷୟ ଈଶ୍ୱରଙ୍କ ସହିତ ମୋର ପ୍ରଗତି ଓ ଅଭିବୃଦ୍ଧିରେ ପ୍ରତିବନ୍ଧକ ସୃଷ୍ଟି କରୁଛି ସେହି ସକଳ ବିଷୟରୁ ମୁକ୍ତ ହେବାକୁ ମୋତେ ସାହାଯ୍ୟ କର।*

*ଆମେନ୍।*

# ଆପଣ ଈଶ୍ୱରଙ୍କୁ ଜାଣନ୍ତି କି ଯିଏ ଆପଣଙ୍କୁ ପ୍ରେମ କରନ୍ତି ?

ପ୍ରାୟ 2000 ବର୍ଷ ପୂର୍ବେ, ଈଶ୍ୱର ଏହି ଜଗତକୁ ମନୁଷ୍ୟ ସଦୃଶ ହୋଇ ଆସିଲେ । ତାହାଙ୍କ ନାମ ଯୀଶୁ । ସେ ଏକ ସିଦ୍ଧତାର ସହିତ ପାପ ଶୂନ୍ୟ ଜୀବନଯାପନ କଲେ । ଯେତେବେଳେ ଯୀଶୁ ମାନବ ରୂପରେ ଈଶ୍ୱର ଥିଲେ । ସେ ଯାହା କିଛି କହିଲେ ଓ କରିଲେ ତାହା ଦ୍ୱାରା ସେ ଆମମାନଙ୍କ ଠାରେ ଈଶ୍ୱରଙ୍କୁ ପ୍ରକାଶ କଲେ । ସେ ଯେଉଁ ବାକ୍ୟ କହିଲେ ତାହା ବାସ୍ତବରେ ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ଈଶ୍ୱରଙ୍କ ପରି କାର୍ଯ୍ୟ କଲେ । ପୃଥିବୀରେ ଯୀଶୁ ଅନେକ ଆଶ୍ଚର୍ଯ୍ୟକର୍ମ କଲେ । ସେ ଦୁଃଖୀ ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ଦୃଷ୍ଟିଶକ୍ତି ଦେଲେ, ବଧିରମାନଙ୍କୁ ଶୁଣିବା ଶକ୍ତି ଦେଲେ, ଖଞ୍ଜ ଲୋକମାନଙ୍କୁ ଚାଲିବାର ଶକ୍ତି ଦେଲେ ଏବଂ ପ୍ରତ୍ୟେକ ଅସୁସ୍ଥ ଓ ବିଭିନ୍ନପ୍ରକାରର ରୋଗୀମାନଙ୍କୁ ସୁସ୍ଥ କଲେ । ସେ ଅଳ୍ପକେତେକ ରୁଟିକୁ ନେଇ ଆଶ୍ଚର୍ଯ୍ୟଭାବେ ବହୁତ ରୁଟି କଲେ ଏବଂ ହଜାର ହଜାର କ୍ଷୁଧାର୍ତ୍ତ ଲୋକଙ୍କୁ ଖୁଆଇଲେ, ଝଡ଼ ବତାସକୁ ସ୍ଥିର କଲେ ଏବଂ ଅନେକ ଆଶ୍ଚର୍ଯ୍ୟ କର୍ମମାନ କଲେ ।

**ଏହି ସମସ୍ତ କାର୍ଯ୍ୟ ଆମଠାରେ ପ୍ରକାଶ ହେଲା ଯେପରି ଈଶ୍ୱର ଯେ ଉତ୍ତମ ବା ମଙ୍ଗଳମୟ ପରମେଶ୍ୱର ଯାହାକି ସେ ଚାହାନ୍ତି ଯେ ଲୋକମାନେ ଉତ୍ତମ ହେଉନ୍ତୁ, ସମସ୍ତେ ସୁସ୍ଥ ଓ ଖୁସିରେ ରୁହନ୍ତୁ । ଈଶ୍ୱର ଲୋକମାନଙ୍କ ଆବଶ୍ୟକତା ଯୋଗାଇବାକୁ  ଇଚ୍ଛା କରନ୍ତି ।**

ତେବେ ଈଶ୍ୱର କାହିଁକି ନିଜେ ମନୁଷ୍ୟ ହେବାକୁ ନିଷ୍ପତ୍ତି ନେଲେ ଓ ଜଗତକୁ ମନୁଷ୍ୟ ରୂପରେ ଆସିଲେ? କାହିଁକି ଯୀଶୁ ଆସିଲେ?

ଆମେ ସମସ୍ତେ ପାପ କରିଅଛୁ ଏବଂ ଯିଏ ଆମକୁ ସୃଷ୍ଟି କରିଅଛନ୍ତି ସେହି ଈଶ୍ୱରଙ୍କ ସମ୍ମୁଖରେ ଆମ୍ଭେମାନେ ଅଗ୍ରହଣୀୟ ବିଷୟ ପରି କାର୍ଯ୍ୟ କରିଅଛୁ । ପାପର ପରିଣାମ ଗୁଡିକ ରହିଛି । ପାପ ଏକ ବିରାଟ କାନ୍ଥ ସଦୃଶ ଅଟେ ଯାହା ଈଶ୍ୱରଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଠିଆ ହୋଇଅଛି । ପାପ ଈଶ୍ୱରଙ୍କ ଠାରୁ ଆମକୁ ଅଲଗା କରେ। ଯିଏ ଆମକୁ ସୃଷ୍ଟି କରିଅଛନ୍ତି ତାହାଙ୍କୁ ଜାଣିବା ନିମନ୍ତେ ଓ ତାଙ୍କ ସହିତ ମହତ୍ତ୍ୱପୁର୍ଣ୍ଣ ସମ୍ପର୍କ ରଖିବାରେ ପାପ ପ୍ରତିବନ୍ଧକ ସାଜେ । ତେଣୁ, ଆମ୍ଭମାନଙ୍କ ମଧ୍ୟରୁ ଅନେକ ଲୋକମାନେ ଅନ୍ୟ ବିଷୟଗୁଡ଼ିକ ସହ ଶୂନ୍ୟସ୍ଥାନରେ ପୂରଣ କରିବାକୁ ଚେଷ୍ଟା କରନ୍ତି।

ଆମ ପାପଗୁଡିକର ଅନ୍ୟ ପରିଣାମଗୁଡିକ ହେଲା ଈଶ୍ୱରଙ୍କ ଠାରୁ ଆମ୍ଭମାନଙ୍କୁ ଅନନ୍ତକାଳ ପୃଥକ୍ କରେ । ଈଶ୍ୱରଙ୍କ ବିଚାରଳୟରେ ପାପର ପରିଣାମ ମୃତ୍ୟୁ ଅଟେ । ମୃତ୍ୟୁ ଈଶ୍ୱରଙ୍କ ଠାରୁ ସର୍ବଦା ଅଲଗା ହୋଇ ନର୍କରେ ସ୍ଥାନ ପାଏ ।

କିନ୍ତୁ ସୁସମ୍ବାଦ ଏହା ଯେ ଆମେ ପାପଠାରୁ ମୁକ୍ତ ହୋଇପାରିବା ଓ ଈଶ୍ୱରଙ୍କ ସହିତ ପୁନଃ ମିଳିତ ହୋଇପାରିବା । ବାଇବଲ କହେ, ***"କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହ ଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ"*** **(ରୋମୀୟ 6:23)**। ତେବେ ଯୀଶୁ ସମଗ୍ର ଜଗତର ପାପ ନିମନ୍ତେ ମୂଲ୍ୟ ସ୍ୱରୂପ ନିଜ ପ୍ରାଣକୁ

କ୍ରୁଶୀୟ ମୃତ୍ୟୁ ଦ୍ୱାରା ଦେଇଅଛନ୍ତି।  ତା'ପରେ ସେ ତିନିଦିନ ପରେ ମୃତ୍ୟୁରୁ ପୁନଃଜୀବିତ ହେଲେ, ଅନେକଙ୍କୁ ସେ ଜୀବିତ ଅବସ୍ଥାରେ ଦେଖାଦେଲେ  ଏବଂ ଏହାପରେ ସେ ସ୍ୱର୍ଗକୁ ଫେରିଗଲେ ।

ଈଶ୍ୱର  ପ୍ରେମ ଓ ଦୟାର ଈଶ୍ୱର ଅଟନ୍ତି । ସେ ଚାହାନ୍ତି ନାହିଁ ଯେ କୌଣସି ବ୍ୟକ୍ତି ନର୍କରେ ପଡି ବିନଷ୍ଟ ହେଉ । ଆଉ ସେ ଆସିଲେ ଯେପରି ସମଗ୍ର ମାନବଜାତିକୁ ପାପରୁ ଉଦ୍ଧାର ଏବଂ ପାପର ପରିଣାମରୁ ମୁକ୍ତି ପାଇବା ପାଇଁ ଏକ ମାର୍ଗ ପ୍ରଦାନ କରନ୍ତି । ସେ ପାପୀମାନଙ୍କୁ ଉଦ୍ଧାର କରିବାକୁ ଆସିଲେ—ଆପଣଙ୍କ ପରି ଲୋକମାନଙ୍କୁ ଓ ମୋତେ ପାପରୁ ଓ ଅନନ୍ତ ମୃତ୍ୟୁରୁ ଉଦ୍ଧାର କରିବାକୁ ଆସିଲେ ।

ପାପରୁ କ୍ଷମା ମୁକ୍ତ ଭାବରେ ପାଇବା ପାଇଁ, ବାଇବଲ ଆମ୍ଭମାନଙ୍କୁ କହେ ଯେ ଆମକୁ କେବଳ ଏକ କାର୍ଯ୍ୟ କରିବାକୁ ପଡ଼ିବ—ଯୀଶୁ ଖ୍ରୀଷ୍ଟ କ୍ରୁଶ ଉପରେ ଯାହା କଲେ ତାହା ବିଶ୍ୱାସ କରିବାକୁ ହେବ ଏବଂ ସର୍ବାନ୍ତଃକରଣ ସହିତ ବିଶ୍ୱାସ କରିବାକୁ ହେବ ।

***"... ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ଯେ ତାହାଙ୍କ ନାମରେ ପାପକ୍ଷମା ପାଇବ"*** **(ପ୍ରେରିତ  10:43) ।**

***"ଯେଣୁ ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ"*** **(ରୋମୀୟ 10:9) ।**

ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣଙ୍କ ପାପରୁ ପରିଷ୍କୃତ ହୋଇପାରିବେ ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ।

ନିମ୍ନଲିଖିତ ଏକ ସରଳ ପ୍ରାର୍ଥନା ଦ୍ୱାରା ଆପଣଙ୍କୁ, ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଏବଂ ଆପଣଙ୍କ ନିମନ୍ତେ ସେ କ୍ରୁଶ ଉପରେ ଯାହା କରିଅଛନ୍ତି ତାହା ବିଶ୍ୱାସ କରିବାକୁ ସାହାଯ୍ୟ ହେବ । ଏହି ପ୍ରାର୍ଥନା ଆପଣଙ୍କ ନିମନ୍ତେ ଯୀଶୁ ଖ୍ରୀଷ୍ଟ କ'ଣ କରିଅଛନ୍ତି ତାହା ସ୍ୱୀକାର କରିବାକୁ ଓ ପାପ କ୍ଷମା ପାଇବାକୁ ଏବଂ ଆପଣଙ୍କ ପାପରୁ ପରିଷ୍କୃତ ହେବାକୁ ସହାୟକ ହେବ । ଏହି ପ୍ରାର୍ଥନା କେବଳ ଏକ ମାର୍ଗଦର୍ଶିକା ଅଟେ । ଆପଣ ନିଜେ  ମଧ୍ୟ ନିଜ ଶବ୍ଦଗୁଡ଼ିକରେ ପ୍ରାର୍ଥନା କରିପାରିବେ ।

*ପ୍ରିୟ ପ୍ରଭୁ ଯୀଶୁ, ଆଜି ମୁଁ ଜାଣିଲିଯେ, ତୁମେ ମୋ ନିମନ୍ତେ କ୍ରୁଶ ଉପରେ ଯାହା କରିଅଛ। ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ । ତୁମେ ତୁମର ବହୁମୂଲ୍ୟ ରକ୍ତ ଝରାଇ ମୋ ପାପର ମୂଲ୍ୟଦେଲ ଯେପରି ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହୁଏ । ବାଇବଲ ମୋତେ କହେ ଯେ, ଯେକେହି ତୁମଠାରେ ବିଶ୍ୱାସ କରେ ସେମାନେ ସେମାନଙ୍କ ପାପରୁ କ୍ଷମା ପ୍ରାପ୍ତ ହେବେ ।*

*ତୁମେ ମୋ ନିମନ୍ତେ ଯାହା କରିଅଛ । ତୁମେ ମୋ ନିମନ୍ତେ କୃଶ ଉପରେ ମୃତ୍ୟୁଭୋଗ କଲ ଓ ମୃତ୍ୟୁରୁ ପୁନର୍ଜୀବିତ ହେଲ । ମୁଁ ଜାଣେ ନିଜକୁ ମୋର ଉତ୍ତମ କାର୍ଯ୍ୟ ଦ୍ୱାରା ଉଦ୍ଧାର କରିପାରିବି ନାହିଁ କିଅବା କୌଣସି ବ୍ୟକ୍ତି ମୋତେ ଉଦ୍ଧାର କରିପାରିବେ ନାହିଁ । ମୁଁ*

*ମୋର ପାପଗୁଡ଼ିକ ନିମନ୍ତେ କ୍ଷମା ଅର୍ଜନ କରିପାରିବି ନାହିଁ ।*

*ଆଜି, ମୁଁ ହୃଦୟରେ ବିଶ୍ୱାସ କରେ ଓ ମୋ ମୁଖରେ ସ୍ୱୀକାର କରେ ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କଲ, ମୋ ପାପର ମୂଲ୍ୟ ଦେଲ, ମୃତ୍ୟୁରୁ ପୁନର୍ଜୀବିତ ହେଲ ଏବଂ ତୁମଠାରେ ବିଶ୍ୱାସ ଦ୍ୱାରା ମୁଁ ମୋ ପାପରୁ କ୍ଷମାପ୍ରାପ୍ତ ହେଉଅଛି ଓ ପାପରୁ ପରିଷ୍କୃତ ହେଉଅଛି ।*

*ଧନ୍ୟବାଦ ଯୀଶୁ । ତୁମକୁ ପ୍ରେମ କରିବାକୁ, ତୁମକୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର ।*

*ଆମେନ୍ ।*

# ଅଲ୍ ପିପୁଲ୍ସ ଚର୍ଚ୍ଚ ସମ୍ବନ୍ଧରେ

ଅଲ୍ ପିପୁଲ୍ସ ଚର୍ଚ୍ଚର ଦର୍ଶନ ହେଲା ବାଙ୍ଗାଲୋର ନଗରରେ ଲବଣ ଏବଂ ଜ୍ୟୋତିଃ ସଦୃଶ୍ୟ ହେବା ନିମନ୍ତେ, ଦେଶ ଓ ଦେଶଗୁଡ଼ିକରେ ଏକ ସ୍ୱର ହେବା ନିମନ୍ତେ ।

ଅଲ୍ ପିପୁଲ୍ସ ଚର୍ଚ୍ଚ **ଏକ ଯୀଶୁ ପ୍ରେମୀ, ବାକ୍ୟ ଧ୍ୟାନ, ଆତ୍ମାରେ ପରିପୂର୍ଣ୍ଣ**, ପାରିବାରିକ ମଣ୍ଡଳୀ, ଏକ ପ୍ରୋତ୍ସାହନ କେନ୍ଦ୍ର, ଏକ ମିଶନ ଆଧାର ଓ ବିଶ୍ୱ ସୁସମାଚାର ପ୍ରସାରକ ଅଟେ ।

- ଏକ **ପାରିବାରିକ ମଣ୍ଡଳୀ** ଭାବେ, ଖ୍ରୀଷ୍ଟ-କୈନ୍ଦ୍ରିକ ସହଭାଗିତାରେ ଏକ ଗୋଷ୍ଠୀ ଭାବରେ ଆମେ ବୃଦ୍ଧି ହେଉ, ପ୍ରେମରେ ପରସ୍ପରର ଯତ୍ନ ଓ ସେବା କରି ଈଶ୍ୱରଙ୍କ ସମାବେଶ ସଦୃଶ ହେବା।
- ଏକ **ପ୍ରୋତ୍ସାହନ କେନ୍ଦ୍ର** ଭାବରେ, ପ୍ରତ୍ୟେକ ବିଶ୍ୱାସଙ୍କୁ ବିଜୟୀ ଜୀବନ କାଟିବାକୁ, ଖ୍ରୀଷ୍ଟଙ୍କ ସଦୃଶରେ ପରିପକ୍ୱ ହେବାକୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ପୂରଣ କରିବାକୁ ଆମ୍ଭେମାନେ ସଶକ୍ତି ଓ ପ୍ରୋତ୍ସାହିତ କରୁ ।
- ଏକ **ମିଶନ ଆଧାର** ଭାବରେ, ଈଶ୍ୱରଙ୍କ ବାକ୍ୟ ମାଧ୍ୟମରେ ଯୀଶୁ ଖ୍ରୀଷ୍ଟଙ୍କ ସଂପୂର୍ଣ୍ଣ ସୁସମାଚାର ଏବଂ ପବିତ୍ର ଆତ୍ମାଙ୍କ ଶକ୍ତିର ଅଲୌକିକ ପ୍ରଦର୍ଶନ ଦ୍ୱାରା ଆମର ନଗର, ଦେଶ ଓ ଦେଶଗୁଡ଼ିକୁ ଆଶୀର୍ବାଦ କରିବା ନିମନ୍ତେ ଆମେ ମହତପୂର୍ଣ୍ଣ ସେବାକାର୍ଯ୍ୟରେ ଜଡ଼ିତ ଅଟୁ ।
- ଏକ **ବିଶ୍ୱ ସୁସମାଚାର ପ୍ରସାରକ** ଭାବରେ, ଆମେ ସ୍ଥାନୀୟ ଏବଂ ବିଶ୍ୱ ସ୍ତରରେ ସେବା କରୁ ଧର୍ମୀୟ ନେତା ଓ ଆତ୍ମାରେ ପରିପୂର୍ଣ୍ଣ ମଣ୍ଡଳିଗୁଡ଼ିକ ଦ୍ୱାରା ଯେଉଁମାନେ କି ଈଶ୍ୱରଙ୍କ ରାଜ୍ୟ ନିମନ୍ତେ ସେମାନଙ୍କ ମହତ୍ୱପୂର୍ଣ ପ୍ରଭାବ ପକାଇପାରିବେ ।

ଅଲ୍ ପିପୁଲ୍ସ ଚର୍ଚ୍ଚରେ, ଆମ୍ଭେମାନେ ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନରେ ଆମେ ସଂପୂର୍ଣ୍ଣ ଓ ସାଲିସବିହୀନ ଈଶ୍ୱରଙ୍କ ବାକ୍ୟ ପରିବେଷଣ କରୁ । ଆମେ ଉତ୍ତମ ସଙ୍ଗୀତ, ସର୍ଜନାତ୍ମକ ଉପସ୍ଥାପନା, ବିଚକ୍ଷଣ ଦୃଃଖପ୍ରକାଶ, ସମସାମୟିକ ସେବାକାର୍ଯ୍ୟ ଶୈଳୀ, ଅତ୍ୟାଧୁନିକ ଟେକ୍ନୋଲୋଜି ଏବଂ ଏପରି ଅନେକ, ପବିତ୍ର ଆତ୍ମାଙ୍କ ଶକ୍ତିର ଚିହ୍ନ, ଲକ୍ଷଣ, ଆଶ୍ଚର୍ଯ୍ୟ କାର୍ଯ୍ୟ ଓ ପବିତ୍ର ଆତ୍ମାଙ୍କ ଦାନରେ ଈଶ୍ୱରଙ୍କ ବାକ୍ୟ ପ୍ରଚାର କରିବାକୁ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ପଦ୍ଧତିକୁ କୌଣସି ବିଷୟ ବଦଳାଇ ପାରିବେ ନାହିଁ (1 କରିନ୍ଥୀୟ 2:4,5; ଏବ୍ରୀ 2:3,4)। ଆମର ପ୍ରସଙ୍ଗ ହେଉଛି ଯୀଶୁ, ଆମର ବିଷୟବସ୍ତୁ ହେଉଛି ବାକ୍ୟ, ଆମର ପଦ୍ଧତି ହେଉଛି ପବିତ୍ର ଆତ୍ମାଙ୍କ ଶକ୍ତି, ଆମର ଆବେଗ ହେଉଛି ଲୋକମାନେ ଓ ଆମର ଲକ୍ଷ୍ୟ ହେଉଛି ଖ୍ରୀଷ୍ଟ-ସଦୃଶ୍ୟ ସମସ୍ତେ ପରିପକ୍ୱତା ହେଉନ୍ତୁ।

ବାଙ୍ଗାଲୋରରେ ଆମର ମୁଖ୍ୟ ମଣ୍ଡଳୀ ସହିତ, ଅଲ୍ ପିପୁଲ୍ସ ଚର୍ଚ୍ଚର ଅନ୍ୟ ମଣ୍ଡଳୀଗୁଡ଼ିକ ଭାରତର ବିଭିନ୍ନ ସ୍ଥାନମାନଙ୍କରେ ରହିଛି। ଅଲ୍ ପିପୁଲ୍ସ ଚର୍ଚ୍ଚର ବର୍ତ୍ତମାନ ତାଲିକା ଓ ଯୋଗାଯୋଗ କରିବା ନିମନ୍ତେ ସୂଚନା ପାଇବାକୁ, ଦୟାକରି ଅଲ୍ ପିପୁଲ୍ସ ଚର୍ଚ୍ଚର ୱେବସାଇଟ ଦେଖନ୍ତୁ **apcwo.org/locations** କିମ୍ବା ଏହି ଇମେଲ ଠିକଣାରେ ମେସେଜ ପଠାନ୍ତୁ **contact@apcwo.org**

# ମାଗଣା ପ୍ରକାଶନଗୁଡ଼ିକ

A Church in Revival
A Real Place Called Heaven
A Time for Every Purpose
Ancient Landmarks
Baptism in the Holy Spirit
Being Spiritually Minded and Earthly Wise
Biblical Attitude Towards Work
Breaking Personal and Generational Bondages
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling
Don't Lose Hope
Equipping the Saints
Foundations (Track 1)
Fulfilling God's Purpose for Your Life
Gifts of the Holy Spirit
Giving Birth to the Purposes of God
God Is a Good God
God's Word—The Miracle Seed
How to Help Your Pastor
Integrity
Interpreting Scripture
Kingdom Builders
Laying the Axe to the Root
Living Life Without Strife
Marriage and Family
Ministering Healing and Deliverance
Offenses—Don't Take Them
Open Heavens
Our Redemption
Receiving God's Guidance
Revivals, Visitations and Moves of God
Shhh! No Gossip!
Speak Your Faith
The Conquest of the Mind
The Father's Love
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God
The Refiner's Fire
The Spirit of Wisdom, Revelation and Power
The Wonderful Benefits of Praying in Tongues
Timeless Principles for the Workplace
Understanding the Prophetic
Water Baptism
We Are Different
Who We Are in Christ
Women in the Workplace
Work—Its Original Design

ନୂଆ ବହିଗୁଡ଼ିକ ନିୟମିତ ପ୍ରକାଶନ ହେଉଥାଏ । ଦୟାକରି **apcwo.org/books** ୱେବସାଇଟ ଦେଖନ୍ତୁ ଓ ଅଲ୍ ପିପୁଲ୍ସ ଚର୍ଚ୍ଚର ପିଡିଏଫ ମାଧ୍ୟମରେ ଥିବା ଖ୍ରୀଷ୍ଟୀୟ ପୁସ୍ତକଗୁଡ଼ିକ, ଅଡିଓ ଏବଂ ଅନ୍ୟାନ୍ୟ ଭାଷାରେ ଉପଲବ୍ଧ ପୁସ୍ତକଗୁଡିକୁ ମାଗଣାରେ ଡାଉନଲୋଡ କରନ୍ତୁ । ପୁଣି ମାଗଣା ଅଡିଓ ଏବଂ ଭିଡିଓର ବାକ୍ୟ ପ୍ରଚାର, ବାକ୍ୟ ପ୍ରଚାର ଲେଖାଗୁଡ଼ିକ ଓ ଅନ୍ୟାନ୍ୟ ମାଗଣା ଉତ୍ସଗୁଡିକ ନିମନ୍ତେ **apcwo.org/sermons** ୱେବସାଇଟ ଦେଖନ୍ତୁ ।

# ଖ୍ରୀସଲିଶ କାଉନସେଲିଂ

ଖ୍ରୀସଲିଶ କାଉନସେଲିଂ ଲୋକମାନଙ୍କୁ ବ୍ୟକ୍ତିଗତ ଭାବେ ସାହାଯ୍ୟ କରେ ଯେମିତି ସେମାନେ ସମ୍ମୁଖୀନ ହେଉଥିବା ଜୀବନର ସମସ୍ୟାର ମୁକାବିଲା କରିପାରିବେ ଏବଂ ବିଜୟ ପ୍ରାପ୍ତ ହେବେ। ଖ୍ରୀସଲିଶ କାଉନସେଲିଂ ବୃତ୍ତିଗତ ଭାବେ ତାଲିମ ପ୍ରାପ୍ତ ଓ ଅନୁଭୂତି ସମ୍ପନ୍ନ ଖ୍ରୀଷ୍ଟିୟାନ ପରାମର୍ଶଦାତା ମାନଙ୍କ ଏକ ଦଳ ଅଟେ।

ଆମର ସେବାକାର୍ଯ୍ୟ ସମସ୍ତ ପ୍ରକାର ବୟସ ଦଳର ଲୋକମାନଙ୍କଠାରେ ଓ ଜୀବନର ବିଭିନ୍ନ ସ୍ୱାନ୍ତନାପୂର୍ଣ ବିଶେଷ ଗୁଡ଼ିକ ନିମନ୍ତେ ଅଟେ ।

- **କିଶୋରବସ୍ଥା**
- **ବ୍ୟକ୍ତିଗତ ସମନ୍ୱୟ**
- **ସମ୍ପର୍କ ସମ୍ବନ୍ଧୀୟ ଆହ୍ୱାନପୂର୍ଣ୍ଣ ବିଷୟ**
- **ପାଠପଢ଼ାରେ ଅସଫଳ**
- **କାର୍ଯ୍ୟ ସମ୍ବନ୍ଧୀୟ**
- **ପରିବାର / ଦମ୍ପତି: ବିବାହ ପୂର୍ବରୁ/ ବିବାହ ପରେ ସମସ୍ୟା**
- **ପିତାମାତା / ସହକର୍ମୀ / ପିଲାମାନେ / ଭାଇଭଉଣୀ**
- **ଆଚରଣଗତ ବ୍ୟାଧି**
- **ବ୍ୟକ୍ତିତ୍ୱ ବ୍ୟାଧି**
- **ମାନସିକ / ଭାବପ୍ରବଣ ସମସ୍ୟା**
- **ବିଷାଦଗ୍ରସ୍ତ / ଆଘାତପ୍ରାପ୍ତ**
- **ନିଶା ସେବନ / ମଦ ନିଶାଗ୍ରସ୍ତ**
- **ଆତ୍ମିକ ସମସ୍ୟା**
- **ଜୀବନ ସମ୍ବନ୍ଧୀୟ**

ଖ୍ରୀସଲିଶ କାଉନସେଲିଂ ସେବାର ଦେୟ ସୁଲଭ ଓ ସୁଗମ ଅଟେ ।

ଆମର ତାଲିମପ୍ରାପ୍ତ ପରମର୍ଶଦାତାଙ୍କ ମଧ୍ୟରୁ ଜଣଙ୍କ ସହ ସାକ୍ଷାତ ସମୟ ନିର୍ଦ୍ଧାରଣ କରିବା ନିମନ୍ତେ:

**ୱେବ୍ସାଇଟ: chrysalislife.org**
ଫୋନ ନମ୍ବର: +91-80-25452617 କିମ୍ୱା ଟୋଲ ଫ୍ରି ନମ୍ବର (କେବଳ ଭାରତ ମଧ୍ୟରେ) 1-800-300-00998
**ଇମେଲ: counselor@chrysalislife.org**

ଖ୍ରୀସଲିଶ କାଉନସେଲିଂ,ଅଲ୍ ପିପୁଲ୍ସ ଚର୍ଚ୍ଚରବିଶ୍ୱ ସୁସମାଚାର ପ୍ରଚାରଏକ ସେବାକାର୍ଯ୍ୟ ଅଟେ ।

# ଅଲ୍ ପିପୁଲ୍ସ ଚର୍ଚ୍ଚ ସହିତ ଅଂଶୀଦାର

ସ୍ଥାନୀୟ ମଣ୍ଡଳୀ ସହ ସମଗ୍ର ଭାରତ ଦେଶରେ, ବିଶେଷ କରି ଉତ୍ତର ଭାରତରେ ସୁସମାଚାର ପ୍ରଚାର କରି ଅଲ୍ ପିପୁଲ୍ସ ଚର୍ଚ୍ଚ ନିଜ ସୀମା ବାହାରେ ମଧ୍ୟ ସୁସମାଚାର ପ୍ରଚାର କରୁଅଛି, ଏହାର ପ୍ରମୁଖ ଲକ୍ଷ୍ୟ ହେଲା (କ)ନେତାମାନଙ୍କୁ ସୁଦୃଢ଼ କରିବା, (ଖ) ଯୁବାମାନଙ୍କୁ ସେବାକାର୍ଯ୍ୟ କରିବା ନିମନ୍ତେ ସୁସଜ୍ଜିତ କରିବା, ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଠନ କରିବା, ବର୍ଷ ସାରା ଯୁବାମାନଙ୍କ ନିମନ୍ତେ ବିଭିନ୍ନ ତାଲିମ ଶିବିର ଓ 'ଖ୍ରୀଷ୍ଟୀୟ ନେତାମାନଙ୍କ ସମାବେଶ' ଆୟୋଜନ କରାଯାଏ। ଏହା ସହିତ,ବିଶ୍ୱାସୀମାନଙ୍କୁ ବାକ୍ୟରେ ଓ ଆତ୍ମାରେ ସୁସଜ୍ଜିତ କରିବା ନିମନ୍ତେ ହଜାର ହଜାର ବହି ଇଂରାଜୀ ଓ ବିଭିନ୍ନ ଭାଷାରେ ପ୍ରକାଶନ କରି ମାଗଣାରେ ବଣ୍ଟନ କରାଯାଏ ।

ଆମେ ଆପଣମାନଙ୍କୁ ନିମନ୍ତ୍ରଣ କରୁ କି ଏକକାଳୀନ ଦାନ କିମ୍ବା ମାସିକ ଆର୍ଥିକ ଦାନ ସାହାଯ୍ୟ ଦ୍ୱାରା ଆମ ସହିତ ଅଂଶୀଦାର ହେବା ପାଇଁ । ଆମ ଭାରତ ଦେଶ ସାରା ଚାଲୁଥିବା ସେବାକାର୍ଯ୍ୟ ନିମନ୍ତେ ଯେକୌଣସି ପରିମାଣର ସାହାଯ୍ୟ ଆମକୁ ଆପଣ ସ୍ୱଇଚ୍ଛାରେ ପଠାଇ ପାରିବେ ତାହା ଅତି ପ୍ରଶଂସନୀୟ ବିଷୟ ହେବ ।

ଆପଣ ଆପଣଙ୍କ ସାହାଯ୍ୟ ଦାନ ଚେକ୍ / ବ୍ୟାଙ୍କ ଡ୍ରାଫ୍ଟ–ଦେୟକୁ "ଅଲ୍ ପିପୁଲ୍ସ ଚର୍ଚ୍ଚ" ମାଧ୍ୟମରେ ଆମ ଅଫିସ ଠିକଣାରେ ପଠାଇପାରିବେ । ଅଥବା, ଆମର ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପ୍ରତ୍ୟକ୍ଷ ଭାବରେ ପଠାଇପାରିବେ ।

**ଆକାଉଣ୍ଟ ନାମ:** All Peoples Church
**ଆକାଉଣ୍ଟ ନମ୍ବର:** 50200068829058
**IFSC କୋଡ୍:** HDFC0004367
**ବ୍ୟାଙ୍କ:** HDFC Bank, 7M/308 80Ft Rd, HRBR Layout, Kalyan Nagar, Bengaluru, Karnataka 560043

***ବିଶେଷ ସଂକ୍ଷିପ୍ତ ବିବରଣୀ:*** *ଅଲ୍ ପିପୁଲ୍ସ ଚର୍ଚ୍ଚ ଭାରତରେ ଅବସ୍ଥିତ ବ୍ୟାଙ୍କଗୁଡିକଠାରୁ ହିଁ ସାହାଯ୍ୟ ଦାନ ଗ୍ରହଣ କରେ । ଯେତେବେଳେ ଆପଣ ସାହାଯ୍ୟ ଦାନ ପଠାନ୍ତି, ଯଦି ଦେବାକୁ ଇଚ୍ଛା କରନ୍ତି, ଆପଣ ଅଲ୍ ପିପୁଲ୍ସ ଚର୍ଚ୍ଚର କେଉଁ ବିଶେଷ ସେବାକାର୍ଯ୍ୟ ନିମନ୍ତେ ଆପଣଙ୍କ ଦାନ ବ୍ୟବହୃତ ହେଉ ବୋଲି ଚାହାନ୍ତି, ତାହା ସ୍ପଷ୍ଟ ଭାବେ ଲେଖି ଜଣାଇପାରିବେ । ଅତିରିକ୍ତ ସୂଚନା ନିମନ୍ତେ ଦେଖନ୍ତୁ:* apcwo.org/give

ପୁଣି, ଯେତେବେଳେ ମଧ୍ୟ ହେଉ ଆପଣ ଆପଣଙ୍କ ପ୍ରାର୍ଥନାରେ ଦୟାକରି ଆମ ନିମନ୍ତେ ଓ ଆମ ସେବାକାର୍ଯ୍ୟ ନିମନ୍ତେ ସ୍ମରଣ କରୁଥାନ୍ତୁ ।


**ଆପଣଙ୍କୁ ଧନ୍ୟବାଦ ଓ ଈଶ୍ୱର ଆଶୀର୍ବାଦ କରନ୍ତୁ!**

## DOWNLOAD THE FREE APP!

*Search for*
**"All Peoples Church Bangalore"**
**in the App or Google play stores.**

Available on the App Store

ANDROID APP ON Google play







***A daily 5-minute video devotional.***
***A daily Bible reading and prayer guide.***
***5-minute Sermon summary.***
***Toolkit with Scriptures on various topics to build faith and information to share the Gospel.***
***Resources with sermons, sermon notes, TV programs, books, music and more.***

***IF YOU LOVE IT, TELL OTHERS ABOUT IT!***

## निःशुल्क ऐप डाउनलोड करें:

**ऐप स्टोर या प्ले स्टोर में खोजें**
**“ऑल पीपुल्स चर्च (APCWO)”/**
**All Peoples Church Hindi**

Available on the App Store

ANDROID APP ON Google Play




*विश्वास को मजबूत करने और सुसमाचार साझा करने के लिए विभिन्न विषयों पर आधारित वचनों के टूलकिट।*
*उपदेशों, टीवी कार्यक्रमों, पुस्तकों, संगीत और बहुत कुछ से भरे संसाधन।*
*अगर आपको यह पसंद आए, तो*
***दूसरों को भी इसके बारे में बताएं!***

# ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ

apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜ ଏବଂ ସେବାକାର୍ଯ୍ୟ ତାଲିମ କେନ୍ଦ୍ର, ବାଙ୍ଗାଲୋର, ଭାରତରେ ଅଛି, ଏଠାରେ ଆତ୍ମାରେ-ପରିପୂର୍ଣ୍ଣ, ଅଭିଷିକ୍ତ, ସେବାକାର୍ଯ୍ୟ ପାଇଁ ପ୍ରସ୍ତୁତି ଓ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ ସେବା କରିବା ସହିତ ଈଶ୍ୱରଙ୍କ ବାକ୍ୟର ବାସ୍ତବ ଶିକ୍ଷା ଏବଂ ବୁଦ୍ଧି ସମ୍ବନ୍ଧୀୟ ଉତ୍ସାହଜନକ ଅଧ୍ୟୟନ ଯୋଗାଇଥାଏ । ଈଶ୍ୱରୀୟ ଚରିତ୍ର, ଈଶ୍ୱରଙ୍କ ବାକ୍ୟର ଗଭୀରତା, ଆଶ୍ଚର୍ଯ୍ୟ ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ ଏବଂ ପ୍ରଭୁଙ୍କ ସହିତ ଘନିଷ୍ଠ ସମ୍ପର୍କରୁ ପ୍ରବାହିତ ସମସ୍ତ ବିଷୟକୁ ଗୁରୁତ୍ୱ ଦେଇ ସେବାକାର୍ଯ୍ୟ ପାଇଁ ବ୍ୟକ୍ତିର ସମ୍ପୂର୍ଣ୍ଣ ଉନ୍ନତି କରିବାରେ ଆମେ ବିଶ୍ୱାସ କରୁ ।

ଅଲ୍ ପିପୁଲ୍ସ ଚର୍ଚ୍ଚ ବାଇବଲ କଲେଜରେ (APC-BC), ଉପଯୁକ୍ତ ତଥା ହିତଜନକ ଶିକ୍ଷା ସହ ଆମେ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କ ଅଲୌକିକ କାର୍ଯ୍ୟ ଉପରେ ଉପସ୍ଥାପନ କରୁ । ଅନେକ ଯୁବକ ଓ ଯୁବତୀମାନଙ୍କୁ ତାଲିମ ଦିଆଯାଇଅଛି ଏବଂ ସେମାନଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବାକୁ ପଠାଯାଇଅଛି ।

ଆମେ ତିନୋଟି ପ୍ରୋଗ୍ରାମ ପ୍ରଦାନ କରୁ –

- ଏକ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ସାର୍ଟିଫିକେଟ (C.Th.)
- ଦୁଇ ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ଡିପ୍ଲୋମା (Dip.Th.)
- ତିନି ବର୍ଷ ଥିଓଲୋଜି ଏବଂ ଖ୍ରୀଷ୍ଟିୟାନ ସେବାକାର୍ଯ୍ୟ ବ୍ୟାଚଲର ଡିଗ୍ରୀ (B.Th.)

**ପ୍ରତ୍ୟେକ ସପ୍ତାହର ସୋମବାରରୁ ଶୁକ୍ରବାର ସମୟ ସକାଳ (UTC+5:30) 9 ଘଣ୍ଟାରୁ ମଧ୍ୟାହ୍ନ 12 ଘଣ୍ଟା** ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ଆମେ ତିନୋଟି ଶିକ୍ଷଣୀୟ ବିକଳ୍ପ ପ୍ରଦାନ କରୁ –

- **କ୍ୟାମ୍ପସରେ:** କ୍ୟାମ୍ପସରେ ବ୍ୟକ୍ତିଗତ କ୍ଲାସରେ ଯୋଗ ଦେବା ।
- **ଅନଲାଇନ:** ଅନଲାଇନ ଲାଇଭ ଶିକ୍ଷାଦାନରେ ଯୋଗ ଦେବା ।
- **ଇ-ଲର୍ଣ୍ଣିଙ୍ଗ:** ଅନଲାଇନ ପୋର୍ଟାଲ **apcbiblecollege.org/elearn** ମାଧ୍ୟମରେ ନିଜେ ଶିକ୍ଷା ଗ୍ରହଣ କରିବା ।

**ଅନଲାଇନ ଆବେଦନ** କରିବା ନିମନ୍ତେ, ଏବଂ କଲେଜ, ପାଠ୍ୟକ୍ରମ, ଯୋଗ୍ୟତା, ପାଠ୍ୟକ୍ରମ ମୂଲ୍ୟ ବିଷୟରେ ଜାଣିବା ନିମନ୍ତେ ଓ ଆବେଦନ ଫର୍ମ ଡାଉନଲୋଡ କରିବା ନିମନ୍ତେ ୱେବସାଇଟ ଦେଖନ୍ତୁ - **apcbiblecollege.org**

ଆମ ଖ୍ରୀଷ୍ଟିୟାନ ଜୀବନ ଅନୁତାପ ସହିତ ଆରମ୍ଭ ହୁଏ, ଯାହା ବସ୍ତୁତଃ ପାପ ଓ ଶୟତାନ ଠାରୁ ବିମୁଖ ହୋଇ ଜୀବିତ ଈଶ୍ୱରଙ୍କ ପ୍ରତି ଫେରିବା ନିମନ୍ତେ ହୃଦୟ ଏବଂ ମନର ଏକ ପରିବର୍ତ୍ତନ ଅଟେ। ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଈଶ୍ୱର ଆମର ଅନ୍ତରକୁ ପରିବର୍ତ୍ତନ କଲେ। ଆମେ ପୁନର୍ଜାତ ହେଲୁ । ଆମେ ଖ୍ରୀଷ୍ଟଙ୍କ ଠାରେ ଏକ ନୂତନ ସୃଷ୍ଟି ହେଲୁ। ଗୋଟିଏ ମୁହୂର୍ତ୍ତରେ, ଈଶ୍ୱର ଆମ ଆତ୍ମାରେ ଏକ ସୃଜନକାରୀ କାର୍ଯ୍ୟ କଲେ ଯାହା ଆମକୁ ଅନ୍ଧକାରରୁ ବାହାର କରି ଆଲୋକ ମଧ୍ୟକୁ ଆଣିଲା, ଶୟତାନର ବନ୍ଧନରୁ ମୁକୁଳାଇ ଖ୍ରୀଷ୍ଟଙ୍କ ଠାରେ ମୁକ୍ତ କଲା। ଏକ ମୁହୂର୍ତ୍ତରେ ସଂଘଠିତ ହୋଇଥିବା ପରିବର୍ତ୍ତନ ଦ୍ୱାରା ଖ୍ରୀଷ୍ଟଙ୍କ ଠାରେ ଆମ ଜୀବନ ଆରମ୍ଭ ହେଲା, ଏବଂ ଏହା ଆଉ ଏକ ତତକ୍ଷଣିକ ପରିବର୍ତ୍ତନ ଦ୍ୱାରା ପରିସମାପ୍ତି ଘଟିବ। କିନ୍ତୁ, ଏହି ଦୁଇ ଘଟଣା ମଧ୍ୟରେ ଏକ ଅନବରତ ପରିବର୍ତ୍ତନର ପ୍ରକ୍ରିୟା ଚାଲିଥିବ। ଏହି ପୁସ୍ତକଟି ଉକ୍ତ ବିଷୟ ଉପରେ ପର୍ଯ୍ୟବେଶିତ ଏବଂ ମୁଖ୍ୟତଃ ପ୍ରବର୍ତ୍ତନାମୂଳକ ଓ ସେହି କ୍ରମାଗତ ପରିବର୍ତ୍ତନର ପ୍ରକ୍ରିୟାରେ ସକ୍ରିୟ ଭାବେ ସାମିଲ ହେବ ନିମନ୍ତେ ଆମ ସମସ୍ତଙ୍କୁ ଉଦ୍ଦୀପ୍ତ କରିବା ପାଇଁ ଉଦ୍ଦିଷ୍ଟ।

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org